# ପରିତ୍ୟକ୍ତ ଅବସ୍ଥାରେ ସ୍ୱାସ୍ଥ୍ୟକେନ୍ଦ୍ର କ୍ୱାର୍ଟର୍ସ

ଖୋର୍ଦ୍ଧା,୨୬।୩(ପ୍ରଭାତ ପାଣିଗ୍ରାହୀ)

- ୮ବର୍ଷ ତଳୁ ନିର୍ମାଣ ସରିଛି, ହସ୍ତାନ୍ତର ହୋଇନି
- ଚୋରି ହୋଇଗଲାଣି ମୂଲ୍ୟବାନ୍ ସାମଗ୍ରୀ
- ତ୍ୱରିତ ପଦକ୍ଷେପ ନିଆଯିବ: ଜିଲାପାଳ



ଗ୍ରାମାଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି। ରୋଗୀଙ୍କ ଚିକିତ୍ସାଠାରୁ ଆରମ୍ଭ କରି ମେଡିସିନ ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ମାଗଣାରେ ଯୋଗାଇ ଦେଉଛନ୍ତି ସରକାର। ଏଥିସହିତ କିଭଳି ଗ୍ରାମାଞ୍ଚଳରେ ମଧ୍ୟ ସହରାଞ୍ଚଳ ଭଳି ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ମିଳିବ ଏବଂ ଜରୁରିକାଳୀନ ଭିତ୍ତିରେ ଜନସାଧାରଣ ହାତପାହାନ୍ତାରେ ସୁବିଧା ପାଇପାରିବେ, ସେନେଇ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି କେନ୍ଦ୍ର ଓ ରାଜ୍ୟ ସରକାର। ତେବେ ସ୍ଥାନୀୟ ପ୍ରଶାସନିକ ଅବହେଳାରୁ ଏଥିରେ ବ୍ୟତିକ୍ରମ ଘଟୁଛି। ସ୍ୱାସ୍ଥ୍ୟ ବିଭାଗ ଦୂରଦୃଷ୍ଟି ଅଭାବରୁ ଜନସାଧାରଣଙ୍କ ଟିକସ ଟଙ୍କାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ସରକାରୀ କ୍ୱାର୍ଟର୍ସ ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ତାଳତୁମ୍ବ, ଦେଉଳି ଓ ମାଣିବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି।

ଦୀର୍ଘ ୮ବର୍ଷ ତଳେ ଲକ୍ଷାଧିକ ଟଙ୍କା ବ୍ୟୟରେ ଡାକ୍ତର, ଫାର୍ମାସିଷ୍ଟ, ଏଏନ୍ଏମ୍, ଆଟେଣ୍ଡାଣ୍ଟ ଓ ସୁଇପରଙ୍କ ପାଇଁ ସରକାରୀ ବାସଗୃହ ନିର୍ମାଣ କରାଯାଇଥିଲା। ଲକ୍ଷ୍ୟ ଥିଲା ଡାକ୍ତରଙ୍କ ସହ ଅନ୍ୟ କର୍ମଚାରୀମାନେ ଏହି ବାସଗୃହରେ ରହି ୨୪ ଘଣ୍ଟିଆ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବେ। ଠିକ୍ ସମୟରେ କ୍ୱାର୍ଟର ନିର୍ମାଣ ହେଲା, ହେଲେ ହସ୍ତାନ୍ତର ହୋଇପାରିଲା ନାହିଁ। ଏହି କ୍ୱାର୍ଟର କାମରେ ଆସୁ ନ ଥିବା ବେଳେ ଏବେ ସରୀସୃପମାନଙ୍କ ଘର ପାଲଟିଛି। ଏହି ଘର ଭିତରୁ ବିଦ୍ୟୁତ୍ ସାମଗ୍ରୀ ଚୋରି ହୋଇଯାଇଥିବା ଅଭିଯୋଗ ଆଣିଛନ୍ତି ଜନପ୍ରତିନିଧି ଓ ସ୍ଥାନୀୟ ଅଞ୍ଚଳବାସୀ। ଅନ୍ୟପଟେ ବାସଗୃହ ନ ଥିବାରୁ ଡାକ୍ତରମାନେ ଏଠାରେ ରହୁ ନ ଥିବା ସହ ପାଳି କରି ଆସୁଛନ୍ତି। ଫଳରେ ଜନସାଧାରଣ ଉନ୍ନତ ସ୍ୱାସ୍ଥ୍ୟସେବା ନ ପାଇ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର ମୁହାଁ ହେଉଥିବା ଅଭିଯୋଗ ହେଉଛି।

ଏନେଇ ଗୋପାଳପୁର ସରପଞ୍ଚ ପ୍ରଦୀପ କୁମାର ବାରିକ କହିଛନ୍ତି, ୮ ବର୍ଷ ପୂର୍ବେ ତାଳତୁମ୍ବ ଓ ଦେଉଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସରକାରୀ କ୍ୱାର୍ଟର ନିର୍ମାଣ ହୋଇଥିଲା। ଏହାକୁ ହସ୍ତାନ୍ତର କରା ନ ଯିବାରୁ ଭାଙ୍ଗିରୁଜି ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି। ସେହିପରି ସାମାଜିକ କର୍ମୀ ଅକ୍ଷୟ ରାଉତରାୟ କହିଛନ୍ତି, ଜନସାଧାରଣଙ୍କ ଟିକସ ଟଙ୍କାରେ ସରକାରୀ ଅର୍ଥକୁ ଏଠାରେ ଚଲୁ କରାଯାଇଛି। ଏଥିପାଇଁ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ସେହିପରି ବୋଲଗଡ଼ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ କହିଛନ୍ତି, ଦେଉଳି, ତାଳତୁମ୍ବ ଓ ମାଣିବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ତିନୋଟି ଲେଖାଏ ସରକାରୀ କ୍ୱାର୍ଟର ନିର୍ମାଣ କରାଯାଇଥିଲା। ତାହା କାମରେ ଆସୁନ ଥିବା ବେଳେ ଏବେ ସରୀସୃପଙ୍କ ଘର ପାଲଟିଛି। ଉକ୍ତ ଘରୁ ବିଦ୍ୟୁତ୍ ସାମଗ୍ରୀ ଚୋରି ହୋଇଗଲାଣି। ପଞ୍ଚାୟତ ସମିତି ବୈଠକରେ ଏହି ପ୍ରସଙ୍ଗ ଉଠାଯାଇଥିବା ବେଳେ ସ୍ୱାସ୍ଥ୍ୟ ଅଧିକାରୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଅନ୍ୟପକ୍ଷରେ ଜିଲାପାଳ ଅମ୍ରିତ୍ ଋତୁରାଜ କହିଛନ୍ତି, ଘଟଣାର ତଦନ୍ତ କରାଯିବ। ଖୁବ୍‌ଶୀଘ୍ର ତ୍ୱରାନ୍ୱିତ ପାଇଁ ପଦକ୍ଷେପ ନିଆଯିବ।



ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥର ବେଗୁନିଆ ଥାନା ଚକାପଦା ଛକ ନିକଟରେ ଗୁରୁବାର ଗୋ ଖାଦ୍ୟ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଛି। **(ଫଟୋ: ହରପ୍ରସନ୍ନ ପଣ୍ଡା)**

## ସଂକ୍ଷେପରେ

### ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

**ଟାଙ୍ଗୀ,୨୬।୩ (ରଘୁନାଥ ସାହୁ):** ସାନକୁସୁମି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ସମ୍ମାନିତ ଅତିଥିଭାବେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦେବାନନ୍ଦ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲୀପ କୁମାର ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ସର୍ବେଶ୍ୱର ପ୍ରଧାନ, ଆଲୁମ୍ନି କମିଟି ସଭାପତି କୁମର ରାଉତ, ୱାର୍ଡ ସଭ୍ୟ ସୀତାକାନ୍ତ ସାମନ୍ତରାୟ, ସମାଜସେବୀ ମାନସ ସାହୁ, କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷିକା ସତ୍ୟଭାମା ବେହେରା ଯୋଗଦେଇ ସୁନାଗରିକ ହୋଇ ଦେଶର ନାମ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଶ୍ୟାମ ସୁନ୍ଦର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ପ୍ରତିମା ମହାପାତ୍ର, ରବୀନ୍ଦ୍ର ବେହେରା, ବିଶ୍ୱରଂଜନ ଦାସ, ସନ୍ଧ୍ୟାରାଣୀ ବେହେରା, ବିଶ୍ୱବନ୍ଦିତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଦିଲୀପ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ପଦନପୁର ପଞ୍ଚାୟତ କ୍ରିକେଟ ଟୁର୍ନାମେଣ୍ଟ

**ଜଟଣୀ,୨୬।୩(ରବୀନ୍ଦ୍ରନାଥ ମହାକୁଡ଼):** ପଦନପୁର ପଞ୍ଚାୟତ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସମାଜସେବୀ ଉମ୍ବରୁଧର ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ମା'ବରୁଣେଇ କ୍ରିକେଟ କ୍ଲବ ବେଲପଡ଼ା-ଖୋଲାଦ୍ୱାର ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଦିବସରେ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଜବାହାରଲାଲା ସୁବୁଦ୍ଧି, ଗଜେନ୍ଦ୍ର ମହାପାତ୍ର, ବିଜୟାନନ୍ଦ ପଟ୍ଟନାୟକ, ଶକ୍ତିଧର ମହାପାତ୍ର, ମାଧବ ଚନ୍ଦ୍ର ମହାପାତ୍ର, କୃଷ୍ଣ ଚନ୍ଦ୍ର ସାହୁ, ଧନେଶ୍ୱର ଜେନା, ରଞ୍ଜନ ବିଶ୍ୱାଳ, ସାରଙ୍ଗଧର ବେହେରା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବାଟ ମହାବୀର ନାଟ୍ୟ କଳା ସଂସଦ ପଡିଆରେ ଆୟୋଜିତ ଟୁର୍ନାମେଣ୍ଟରେ ୧୬ବର୍ଷରୁ କମ୍ ପଦନପୁର ପଞ୍ଚାୟତର ଏମସିସି (ବଡ଼ତୋଟା), ଏମବିସି(ବେଲପଡା), ପିସିସି(ପଦନପୁର)ପ୍ରମୁଖ କ୍ରିକେଟ ଟିମ୍ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ନାମେଣ୍ଟ ପଦନପୁର ଏବଂ ବେଲପଡା ଟିମ୍ ମଧ୍ୟରେ ଆସନ୍ତା ୮ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

### ୨୭ରୁ ଯଶୁଆପୁର ମହୋତ୍ସବ

**ବାଲକାଟୀ,୨୬।୩(ମନୋଜ ମଣ୍ଡଳ):** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇବ୍ରହ୍ମପୁର ପଞ୍ଚାୟତର ଯଶୁଆପୁର ଗ୍ରାମରେ ଆସନ୍ତା ୨୭ତାରିଖରୁ ଦୁଇ ଦିନ ଧରି ନବମ ଯଶୁଆପୁର ମହୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ଗୁରୁବାର ଯଶୁଆପୁର ବିକାଶ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବ ସମ୍ପର୍କରେ ସୂଚନା ଦିଆଯାଇଛି। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

# ଲିଙ୍ଗରାଜ ମହୋତ୍ସବ ଉଦ୍‌ଘାଟିତ

ପୁରୁଣା ଭୁବନେଶ୍ୱର,୨୬।୩(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅବସରରେ ଗୁରୁବାର ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଭଜନ ମଣ୍ଡପରେ ଲିଙ୍ଗରାଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ସମୀର ମହାନ୍ତି, ଶିବାନନ୍ଦ ରାୟ, ରାଜେନ୍ଦ୍ର ସାମର୍ଥା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସଭାପତି ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ସନତ୍ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ପ୍ରଥମେ ଓଡ଼ିଶୀ ବନ୍ଦନା ପରିବେଷଣ ହୋଇଥିଲା। ପରେ ପୁରୀର ନାଚଘର ପକ୍ଷରୁ ମାହାରୀ ନୃତ୍ୟ ନୃତ୍ୟ, ବଲାଙ୍ଗୀର କୋଶଳ ଫ୍ଲେକ ଡ୍ୟାନ୍ସ ଏକାଡେମୀ ଲୋକନୃତ୍ୟ, କଟକ ସିଙ୍ଗମ ଦ୍ୱାରା କ୍ରିଏଟିଭ ନୃତ୍ୟ ଆକର୍ଷଣୀୟ ହୋଇଥିଲା। ବାସୁଦେବ ନାଥ ସଂଯୋଜନା କରିଥିଲେ। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ମହାନ୍ତି, କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ସାମ୍ବାଦିକ ବିଶ୍ୱନାଥ ମହାପାତ୍ର, ଲିଙ୍ଗରାଜ ସାହୁ, ନାରାୟଣ ମହାପାତ୍ର, ହେମାଦ୍ରୀ ମହାପାତ୍ର, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ଗଣେଶ ପାଲ ପ୍ରମୁଖ ପରିଚାଳନା କରିଥିଲେ।

# 'ପାଠ ପଢ଼ି ଭଲ ମଣିଷ ହୁଅ'

ଖୋର୍ଦ୍ଧା,୨୬।୩(ପ୍ରଭାତ ପାଣିଗ୍ରାହୀ):




ସାମନ୍ତରାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ମୁଖ୍ୟ ଅତିଥି, ଉପାଧ୍ୟକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତି ମୁଖ୍ୟବକ୍ତା, କାଉନ୍‌ସିଲର ପ୍ରବୀଣା ଜଗଦ୍ଦେବରାୟ, କମଳ କୁମାର ପ୍ରଧାନ, ସିଆର୍‌ସିସି ରେବତୀ ପଣ୍ଡା, ବିଦ୍ୟାଳୟ କମିଟି ସଭାପତି ସୁକାନ୍ତ ପୃଷ୍ଟି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢ଼ିବା ସହିତ ଭଲ ମଣିଷ ହେବାକୁ ଆହ୍ୱାନ ଦେଇଥିଲେ। ଶୃଙ୍ଖଳିତ ଜ୍ଞାନ, ସମୟାନୁବର୍ତ୍ତୀ, କଠିନ ପରିଶ୍ରମ କରିବାକୁ କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନମିତା ରାଣୀ ରାୟସାମନ୍ତ ବାର୍ଷିକ ବିବରଣୀ ଏବଂ ଶିକ୍ଷୟିତ୍ରୀ କ୍ଷଣପ୍ରଭା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରସ୍କାର ବଣ୍ଟନରେ ସୁଜାତା ମିଶ୍ର, କୁମୁଦିନୀ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଶୁଭସ୍ମିତା ବେହେରା, କୁସୁମ ପ୍ରଧାନ ଓ ଦୀପ୍ତିମୟୀ ସାହୁ ପରିଚାଳନା କରିଥିଲେ। ଶିକ୍ଷକ ସନ୍ଦୀପ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ମୁଖ୍ୟ ଅଭିଯୁକ୍ତଙ୍କ ଗିରଫ ଦାବିରେ ବିକ୍ଷୋଭ

ଜଟଣୀ,୨୬।୩(ରବୀନ୍ଦ୍ରନାଥ ମହାକୁଡ଼)



ଜଟଣୀ ଥାନା ଅଧୀନ ପଦନପୁର ଛକଠାରେ ଗତ ୬ତାରିଖରେ କେତେଜଣ ଅନୁସୂଚିତ ଜାତି ବର୍ଗ ଲୋକଙ୍କୁ ଦୁର୍ବୃତ୍ତମାନେ ଗାଳିଗଲୁଜ କରିବା ସହ ବୋମାମାଡ଼ କରିଥିଲେ। ଏନେଇ ଅଭିଯୋଗ ପରେ ଗତ ୯ତାରିଖରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ମୁଖ୍ୟ ଅଭିଯୁକ୍ତ ଏବଂ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ। ଏହାର ପ୍ରତିବାଦରେ ଗୁରୁବାର ୬ଦଫା ଦାବିରେ ସାମାଜିକ ନ୍ୟାୟ ଅଧିକାର ସୁରକ୍ଷା ମଞ୍ଚ ଓଡ଼ିଶା, ଉତ୍କଳ ଦଳିତ ମହାସଂଘ ଜଟଣୀ ଏବଂ ସମ୍ବିଧାନ ସୁରକ୍ଷା ମଞ୍ଚ ଓଡ଼ିଶା ପକ୍ଷରୁ ଜଟଣୀ ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ସହ ଏସିପି ଜୋନ-୩ ପ୍ରଶାନ୍ତ ସାହୁ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଆଗାମୀ ୭ଦିନ ମଧ୍ୟରେ ବୋମାମାଡ଼ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି କହିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସମୟ ମୁତାବକ ଅଭିଯୁକ୍ତମାନେ ଗିରଫ ନ ହୁଅନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସାମାଜିକ ନ୍ୟାୟ ଅଧିକାର ସୁରକ୍ଷା ମଞ୍ଚର ରାଜ୍ୟ ସଭାପତି ରବିନାରାୟଣ ନାୟକ, ଉପସଭାପତି କୁନ୍ଦନ ନାୟକ, ସମ୍ପାଦକ ବଳରାମ ସୁନ୍ଦରା, ସମ୍ବିଧାନ ସୁରକ୍ଷା ମଞ୍ଚ ରାଜ୍ୟ ସଭାପତି ପୀତବାସ ନାୟକ,ଏସସି ଏସଟି ଜଏଣ୍ଟ ଆକ୍ସନ କମିଟି ରାଜ୍ୟ ସଭାପତି ଅଭିରାମ ମଲ୍ଲିକଙ୍କ ସହ ଉତ୍କଳ ଦଳିତ ମହାସଂଘ ଜଟଣୀର ଶତାଧିକ ସଦସ୍ୟ ଯୋଗଦେଇଥିଲେ।

**ପଦନପୁର ଛକରେ ବୋମାମାଡ଼ ଘଟଣା**

## ଓଡ଼ିଶା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

**ବେଗୁନିଆ,୨୬।୩(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ସଦର ମହକୁମାସ୍ଥିତ ଆଦର୍ଶ କ୍ଲବ ଆନୁକୂଲ୍ୟରେ ଚଳିତବର୍ଷ ଉତ୍କଳ ଦିବସ ପାଳନ ହେବ। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ସ୍ଥାନୀୟ ନୂଆସାହି ଶ୍ରୀଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ରକାନନ ପରିସରରେ ହେବ ବୋଲି ସ୍ଥିର ହୋଇଛି। ଏନେଇ ଆୟୋଜକ କ୍ଲବର ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଯୋଗଦେଇ ବୈଠକର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ଉପସଭାପତି ମହେଫୁଜ ଅଲ୍ଲୀ, ସମ୍ପାଦକ ରାମଚନ୍ଦ୍ର ସାହୁ, ଓମ୍ ପ୍ରକାଶ ବାହୁବଳେନ୍ଦ୍ର, ଭ୍ରମର ଦାସ, ପ୍ରଶାନ୍ତ ବାରିକ, ସୁରେନ୍ଦ୍ର ପାଲଟାସିଂହ, ବସନ୍ତ ଦାସ, ମାନସୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## କୁଶପଲ୍ଲା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ୩୦ରୁ

**ବେଗୁନିଆ,୨୬।୩ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୫୧ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ୮ଟି ଟିମ୍ ଅଂଶଗ୍ରହଣ କରିବେ। ପ୍ରଥମ ଦିବସରେ ବାଲେଶ୍ୱରର ମିଶନ ଟାଇଗର କ୍ଲବ ଏବଂ ଖୋର୍ଦ୍ଧାର ଜୟଦୁର୍ଗା ଫୁଟ୍‌ବଲ କ୍ଲବ ମଧ୍ୟରେ ମ୍ୟାଚ୍ ହେବ। ସେହିପରି ଦ୍ୱିତୀୟ ଦିବସରେ ସେଞ୍ଚୁରିଆନ ୟୁନିଭର୍ସିଟି ଭୁବନେଶ୍ୱର ଓ ବଜରଙ୍ଗବାଲି ସ୍ପୋର୍ଟିଂ କ୍ଲବ ଘାଟିକିଆ ମଧ୍ୟରେ ମ୍ୟାଚ୍ ହେବ। ଏପ୍ରିଲ ୧ରେ ପ୍ରଥମ ସେମିଫାଇନାଲ ମ୍ୟାଚ ହେବ। ପରଦିନ କଟକର ମା'ମଙ୍ଗଳା କ୍ଲବ ଓ ବିହାର ରାଜ୍ୟ ବସ୍ତରର ମା' କାମାକ୍ଷା ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ ହେବ। ସେହିପରି ଏପ୍ରିଲ ୩ରେ ହାୱଡ଼ା ଫ୍ରେଣ୍ଡ୍‌ସ କ୍ଲବ କୋଲକାତା ଏବଂ ଆକ୍ସା ଫୁଟ୍‌ବଲ କ୍ଲବ ରାଞ୍ଚି ମଧ୍ୟରେ ମ୍ୟାଚ ହେବ। ପରଦିନ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଏବଂ ୫ ତାରିଖରେ ଫାଇନାଲ ମ୍ୟାଚ ହେବ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାବୁ



@ ଦୀପକ



@ ରାଜେଶ



@ ବାପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅସମ୍ପୂର୍ଣ୍ଣ ଅବସ୍ଥାରେ ଏଲ୍ଆଇ କାର୍ଯ୍ୟାଳୟ ଗୃହ



ବେଗୁନିଆ,୨୬।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅନ୍ତର୍ଗତ ପାଟଣା ହନୁମାନ ମନ୍ଦିର ନିକଟ ତଥା ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ନିର୍ମାଣ ହେଉଥିବା ଲାଇଭଷ୍ଟକ୍ ଇନ୍‌ସ୍ପେକ୍ଟର (ଏଲ୍ଆଇ)ଙ୍କ କାର୍ଯ୍ୟାଳୟ ଗୃହ ଦୀର୍ଘ ବର୍ଷ ହେବ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ୨୦୧୨-୧୩ ମସିହାରେ ଏହି ଗୃହ ନିର୍ମାଣ ହୋଇଥିବା ବେଳେ ଅନୁଦାନ ଅର୍ଥ ଶେଷ ହୋଇଯିବାରୁ ଗୃହଟି ଯେଉଁ ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିଲା ତାହା ଏଯାବତ୍ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଏପରିକି ଘରର କାନ୍ଥ ଫାଟି ଆଁ କରିଥିବା ଦେଖିବାକୁ ମିଳିଛି। ସେହିପରି ବଡବେରେଣା, ସାରୁଅ ଏବଂ ପଙ୍ଗାରସିଂହରେ ୩ଟି ଏଲ୍ଆଇ ବିଲ୍ଡିଂ ନିର୍ମାଣ ହୋଇ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି । ଘରଗୁଡିକ ସମ୍ପୂର୍ଣ୍ଣ କରି ହସ୍ତାନ୍ତର କରାଯାଉନାହିଁ। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଏହି ଗୃହଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ଏବେ ମାଟିରେ ମିଶିବାକୁ ବସିଛି । ବିଡିଓ ଡାକ୍ତର ପ୍ରିତୀଶ ରଥ ଏ ସଂକ୍ରାନ୍ତରେ ପୂର୍ବତନ ବିଡିଓଙ୍କୁ ଘରଗୁଡିକ ସମ୍ପୂର୍ଣ୍ଣ କରି ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରିବା ପାଇଁ ବାରମ୍ବାର ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ । ବୋତଲମା ସରପଞ୍ଚ ପ୍ରମୋଦ କୁମାର ଦଳେଇ ତୁରନ୍ତ ଉକ୍ତ ଗୃହ କାର୍ଯ୍ୟ ଶେଷ କରି ବିଭାଗକୁ ହସ୍ତାନ୍ତର କରିବା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସଂକ୍ରାନ୍ତରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଆଦିତ୍ୟ ପ୍ରସାଦ ସିଂ କହିଛନ୍ତି ଯେ, ଯେତିକି ଟଙ୍କା ଥିଲା ସେତିକି କାର୍ଯ୍ୟ କରାଯାଇଛି। ବ୍ଲକ ପକ୍ଷରୁ ଆଉ ଅଧିକ ଟଙ୍କା ପାଇଁ ଲେଖାଯାଇଛି, ଆସିଲେ କାର୍ଯ୍ୟ ହେବ।

# ରାଜଧାନୀରେ ବର୍ଷା, ପବନ, କୁଆପଥର ମାଡ଼

## ଥଣ୍ଡା କରିଦେଲା କାଳବୈଶାଖୀ




ୟୁନିଟ୍-୨ ଜନପଥରେ ଆଣ୍ଠୁଏ ଉଚ୍ଚର ବର୍ଷା ପାଣିରେ ଗାଡ଼ିଗୁଡ଼ିକ ଯାଉଛି।



କୁଆପଥର

**ଭୁବନେଶ୍ୱର,୨୬।୩ (ବନ୍ଦନା ସେଠୀ)**

ଦିନସାରା ପ୍ରବଳ ଖରା ଓ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ ରାଜଧାନୀବାସୀ। ୩୭ ଡିଗ୍ରୀରେ ସିଝୁଥିଲା ସହର। ହେଲେ ଅପରାହ୍ନରେ କାଳବୈଶାଖୀ ବର୍ଷା କିଛିକ୍ଷଣ ପାଇଁ ଡରାଇଥିଲେ ମଧ୍ୟ ସହରକୁ ପୂରା ଥଣ୍ଡା କରିଦେଇଥିଲା। ଅପରାହ୍ନ ପ୍ରାୟ ୪ଟାରେ ଆକାଶରେ ପୂର୍ବ ଓ ଉତ୍ତର ଦିଗରୁ ଘୋଟି ଆସିଥିଲା କଳାହାଣ୍ଡିଆ ବାଦଲ। ଚାହୁଁ ଚାହୁଁ ପ୍ରବଳ ବେଗରେ ପବନ ବହିବା ସହ ବର୍ଷା ଆରମ୍ଭ ହୋଇ ଯାଇଥିଲା। ଝଡ଼ବର୍ଷା ସହ ବିଜୁଳି, ଘଡ଼ଘଡ଼ି ଓ କୁଆପଥର ମାଡ଼ ଭୁବନେଶ୍ୱରକୁ ଥରାଇ ଦେଇଥିଲା। ଘଣ୍ଟାଏର ତାଣ୍ଡବ ଭିତରେ ରାଜଧାନୀ ଏକ ପ୍ରକାର ଠପ୍ ହୋଇପଡ଼ିଥିଲା। ଘରେ ରହୁଥିବା ଲୋକେ ଭୟରେ କବାଟ, ଝରକା ବନ୍ଦ କରିଦେଇଥିବାବେଳେ ବାଟରେ ଯାଉଥିବା ଲୋକେ ଦୋକାନ, ଓଭରବ୍ରିଜ୍ ଓ ଘରପିଣ୍ଡାରେ ମୁଣ୍ଡ ଗୁଞ୍ଜିଥିଲେ ମଧ୍ୟ ଝଟକା ପବନ ଓ ବର୍ଷା ପୂରା ଓଦା କରିଦେଇଥିଲା। ଏଥିସହ ଘନ ଘନ ବିଜୁଳି ଓ ଘଡ଼ଘଡ଼ି ସହ କୁଆପଥର ମାଡ଼ ସେମାନଙ୍କ ମନରେ ଭୟ ସୃଷ୍ଟି କରିଥିଲା। ବିଶେଷକରି ସ୍କୁଲ ଛୁଟି ସମୟ ହୋଇଥିବାରୁ ଛୋଟପିଲା ଓ ଅଭିଭାବକ ବିଭିନ୍ନ ସ୍ଥାନରେ ଫସି ରହିଥିଲେ। ବ୍ୟବସାୟୀମାନେ ମଧ୍ୟ ଦୋକାନ ଶଟର ପକାଇ ଭିତରେ ଭୟରେ ରହିଥିଲେ। ବର୍ଷା ଛାଡ଼ିବା ବେଳକୁ ସହରର ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗିବା ସହ ରାସ୍ତାରେ ଜଳାର୍ଣ୍ଣବ ସ୍ଥିତି ଯାତାୟାତରେ ସମସ୍ୟା ସୃଷ୍ଟି କରିଥିଲା। ସୂଚନାନୁସାରେ, ଜନପଥ, ବମିଖାଲ, କଟକରୋଡ଼, ଲକ୍ଷ୍ମୀସାଗର, ଫାୟାରଷ୍ଟେଶନ୍, ନୟାପଲ୍ଲୀ, ବରମୁଣ୍ଡା, ଝାରପଡ଼ା, ପଲାଶୁଣୀ, ରସୁଲଗଡ଼, ପୁରୁଣା ଭୁବନେଶ୍ୱର, ଜିଜିପି କଲୋନୀ, ଭିଏସ୍ଏସ୍ ନଗର, ଚକେଇସିଆଣି ଆଦି ବିଭିନ୍ନ ଅଞ୍ଚଳର ରାସ୍ତା ଓ କଲୋନୀରେ ବର୍ଷାପାଣି ଲହଡ଼ି ମାରିଥିଲା। ସେହିପରି ଉତ୍କଳ ୟୁନିଭର୍ସିଟି ଲ' କଲେଜ ରାସ୍ତା କଡ଼, ଭିଏସ୍ଏସ୍ ନଗରର କିଛି ସ୍ଥାନରେ ଗଛ ଭାଙ୍ଗି ପଡ଼ିଥିଲା। ଦମକଳ ବାହିନୀ ଓ ବିଏମ୍‌ସି ପକ୍ଷରୁ ବିଭିନ୍ନ ସ୍ଥାନରେ ମୋଟର ପମ୍ପ ପକାଯାଇ ପାଣି ନିଷ୍କାସନ କରାଯିବା ସହ ଗଛ କଟାଯାଇ ଯାତାୟାତ ସ୍ୱାଭାବିକ କରାଯାଇଥିଲା।

### ସ୍ମାର୍ଟସିଟିରେ ପୁଣି ଜଳବନ୍ଦୀ

ବର୍ଷା ହେଲେ ଜଳବନ୍ଦୀ ସମସ୍ୟା ସ୍ମାର୍ଟସିଟି ଭୁବନେଶ୍ୱରର ପିଛା ଛାଡୁନାହିଁ। ଅସରାଏ ବର୍ଷା ହେଲେ ସହରର ବାସ୍ତବ ସ୍ଥିତି ଜଳଜଳ ହୋଇ ପଦାରେ ପଡୁଛି। ବର୍ଷାଜଳ ନିଷ୍କାସନ ରାଜଧାନୀବାସୀଙ୍କ ମୁଖ୍ୟ ସମସ୍ୟା ପାଲଟି ଥିବାବେଳେ ବିଏମ୍‌ସି ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ଅଧିକାଂଶ ସ୍ଥାନରେ ବର୍ଷାପାଣି ଡ୍ରେନ୍‌ରେ ପାସ୍ କରି ନ ପାରିବାରୁ ରାସ୍ତାରେ ଲହଡ଼ି ମାରିଥିଲା। ବିଶେଷକରି ଜନପଥରେ ପ୍ରବଳ ପାଣି ଲହଡ଼ି ମାରିଥିବା ଦେଖାଯାଇଥିଲା। କାର୍‌ଗୁଡ଼ିକର ଚକା ବୁଡ଼ି ଯାଇଥିବାବେଳେ ଦୁଇଚକିଆ ଯାନ ଚଳାଇବା କଷ୍ଟକର ହୋଇପଡିଥିଲା। ପାଣିନିଷ୍କାସନ କରିବାକୁ ଓଡ୍ରାଫ ପକ୍ଷରୁ ମୋଟର ପମ୍ପ ପକାଯାଇ ପାଣି ନିଷ୍କାସନ କରାଯାଇଥିଲା। ଯଦିଓ ରାଜଧାନୀବାସୀଙ୍କ ଲାଗି ଏହା କୌଣସି ନୂଆ ଚିତ୍ର ନୁହେଁ, ତଥାପି ଏନେଇ ବିଏମ୍‌ସି ପକ୍ଷରୁ କୌଣସି ସ୍ଥାୟୀ ସମାଧାନ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା।

### ଡ୍ରେନ୍ କାମ ପରେ ବମିଖାଲରେ ଜଳ ନିଷ୍କାସନ ସମସ୍ୟା ରହିବ ନାହିଁ

ବିଏମ୍‌ସିର ଡ୍ରେନେଜ୍ ବିଭାଗ ଅଧିକାରୀ ପ୍ରିୟବ୍ରତ ବେହେରା କହିଛନ୍ତି, ପୂର୍ବାପେକ୍ଷା ସହରରେ ଜଳାର୍ଣ୍ଣବ ସ୍ଥିତିରେ ଉନ୍ନତି ଆସିଛି। କେବଳ ବମିଖାଲ ଅଞ୍ଚଳ ବ୍ୟତୀତ ଅନ୍ୟ କୌଣସିଠାରେ ପାଣି ଜମିଥିବା ନେଇ ସୂଚନା ନାହିଁ। ବମିଖାଲ ଅଞ୍ଚଳରେ ଡ୍ରେନ୍ କାମ କରାଯିବା ପରେ ସେଠାରେ ଏହି ସମସ୍ୟା ରହିବ ନାହିଁ। ଏଥିସହ ଖୁବ୍‌ଶୀଘ୍ର ବିଏମ୍‌ସି ପକ୍ଷରୁ ଟେଣ୍ଡର କରାଯାଇ ଡ୍ରେନ୍ ସଫେଇ କାମ ଆରମ୍ଭ ହେବ। ସହର ଭିତରେ ଥିବା ୭୦ କି.ମି.ର ମୁଖ୍ୟ ଡ୍ରେନ୍ ଏବଂ ଆର୍ ଆଣ୍ଡ ବି ଅଧୀନରେ ଥିବା ୩୦୦ କି.ମି. ଡ୍ରେନ୍‌କୁ ବର୍ଷାଦିନ ପୂର୍ବରୁ ସଫେଇ ଓ ମରାମତି କରାଯିବ ବୋଲି ସେ ସୂଚନା ଦେଇଛନ୍ତି।



ଭିଏସ୍ଏସ୍ ନଗର ରାସ୍ତାରେ ଭାଙ୍ଗି ପଡ଼ିଥିବା ଗଛକୁ ଓଡ୍ରାଫ୍ ଟିମ୍ କାଟୁଛନ୍ତି।



ଉତ୍କଳ ୟୁନିଭର୍ସିଟି ଲ' କଲେଜ ସମ୍ମୁଖ ରାସ୍ତାରେ ଭାଙ୍ଗି ପଡ଼ିଥିବା ଗଛ।



ଜନପଥରୁ ଓଡ୍ରାଫ୍ ଟିମ୍ ପାଣି ନିଷ୍କାସନ କରୁଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାବୁ



@ ଦୀପକ



@ ରାଜେଶ



@ ବାପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍ଥାୟୀ ନିଯୁକ୍ତି ପାଇଁ ମାଟ୍ରନ୍‌ଙ୍କ ଶାନ୍ତିପୂର୍ଣ୍ଣ ଧାରଣା



ଲୋୟର ପିଏମ୍‌ଜିରେ ମାଟ୍ରନମାନେ ଧାରଣାରେ ବସିଛନ୍ତି।

**ଭୁବନେଶ୍ୱର,୨୬।୩(ସୁଚିସ୍ମିତା ସାହୁ)**

ସମସ୍ତ ଜିଲାର ସେବାଶ୍ରମରେ କାର୍ଯ୍ୟରତ ମାଟ୍ରନମାନଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଉ। ସେମାନଙ୍କ ବେତନ ବୃଦ୍ଧି କରିବା ସହ ଇପିଏଫ୍ ସୁବିଧା ମିଳୁ। ଏଭଳି ୮ଦଫା ଦାବି ପୂରଣ ପାଇଁ ଅନୁସୂଚିତ ଜନଜାତି ଓ ଜାତି ମହିଳା ମାଟ୍ରୋନ ମହାସଂଘର ଆହ୍ୱାନକ୍ରମେ ହଜାର ହଜାର ମାଟ୍ରୋନ ଗୁରୁବାର ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିଠାରେ ଶାନ୍ତିପୂର୍ଣ୍ଣ ଭାବେ ଗଣଧାରଣା ଦେଇଥିଲେ। ମହାସଂଘ ସଭାନେତ୍ରୀ ରାନୁବାଳା ଢ଼ାଲିଙ୍କ ନେତୃତ୍ୱରେ ସେଠାରେ ଏକ ପ୍ରତିବାଦ ସଭାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମହାସଂଘର ରାଜ୍ୟ ଆବାହକ ଦିଗମ୍ବର ଜେନା ଯୋଗଦେଇ କହିଲେ, ମାଟ୍ରୋନମାନଙ୍କୁ ଅନ୍ୟାୟ ଭାବେ ବହିଷ୍କୃତ କରାଯାଉଛି। ୧୦ବର୍ଷ କାର୍ଯ୍ୟ କଲାପରେ ନିୟମିତ ନ କରାଯିବା ଅତ୍ୟନ୍ତ ଦୁଃଖର ବିଷୟ। ମାଟ୍ରନଙ୍କ ସ୍ଥାୟୀ ନିଯୁକ୍ତି ନେଇ ଜୁଲାଇ ୨୫ରେ ଅନୁସୂଚିତ ଜନଜାତି ଓ ଜାତି ବିଭାଗର ନିର୍ଦ୍ଦେଶକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଥିଲେ। ଡିସେମ୍ବର ୨୫ରେ ମଧ୍ୟ ବିଭାଗୀୟ କମିଶନର ସମସ୍ତ ଜିଲାପାଳଙ୍କୁ ଏନେଇ ଅବଗତ କରାଇଥିଲେ ସୁଦ୍ଧା ଏଯାବତ୍ ତାହା କାର୍ଯ୍ୟକାରୀ ହେଲା ନାହିଁ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାତୀ ପାତ୍ର କହିଛନ୍ତି। ମହାସଂଘ ସମ୍ପାଦିକା ଅନୁପମା ବେହେରା, ବୀଣାପାଣି ସାହା, ନମିତା ସେଠୀ, ମଞ୍ଜୁ ଜିନୋଫା ଖାଲ୍‌କୋ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଦାବିପତ୍ର ଦେଇଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ: ୨ବର୍ଷରେ ୪,୯୫୩ ଜଣଙ୍କ ମୃତ୍ୟୁ

**ଭୁବନେଶ୍ୱର, ୨୬।୩ (ବନ୍ଦନା ସେଠୀ)**

ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ୨ବର୍ଷ ମଧ୍ୟରେ ମୋଟ ୪,୯୫୩ ଜଣଙ୍କ ପ୍ରାଣହାନି ଘଟିଛି। ବର୍ତ୍ତମାନ ସୁଦ୍ଧା ୪୬୭ଜଣ ମୃତକଙ୍କ ପରିବାର ସହାୟତା ରାଶି ପାଇବାକୁ ବିଚାରାଧୀନ ରହିଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁବାର ବିଧାନସଭାରେ ସୂଚନା ଦେଇଛନ୍ତି। ସେହିପରି ମୃତ୍ୟୁର ଠିକ୍ କାରଣ ଓ ଆବଶ୍ୟକ ଦସ୍ତାବିଜ୍ ଦାଖଲରେ ବିଳମ୍ବ, ଭିସେରା ରିପୋର୍ଟ ଆସିବା ପାଇଁ ଅପେକ୍ଷା ଆଦି କେତେକ କାରଣରୁ ସହାୟତା ରାଶି ମିଳିବାରେ ବିଳମ୍ବ ହୋଇଛି। ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠି (ଏସ୍‌ଡିଆର୍‌ଏଫ୍)ରୁ ଅଂଶୁଘାତରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ ୫୦ହଜାର ଟଙ୍କା ଓ ଅନ୍ୟ ସମସ୍ତ ବିପର୍ଯ୍ୟୟରେ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଡିବିଟି (ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର) ମାଧ୍ୟରେ ସିଧାସଳଖ ପ୍ରଦାନ କରାଯାଉଛି। ରାଜ୍ୟ ସରକାର ଘୋଷଣା କରିଥିବା ସହାୟତା ରାଶି ପ୍ରଦାନ ନିମନ୍ତେ ପୀଡ଼ିତଙ୍କ ପରିବାରଠାରୁ ସ୍ୱତଃପ୍ରବୃତ୍ତ ଭାବେ ଡକ୍ୟୁମେଣ୍ଟଗୁଡ଼ିକ ସଂଗ୍ରହ କରାଯାଇ ସହାୟତା ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ରାଜ୍ୟରେ ଲଗାତର କମୁଛି ଭୂତଳ ଜଳସ୍ତର

**ଭୁବନେଶ୍ୱର, ୨୬।୩(ବନ୍ଦନା ସେଠୀ)**

**୩୩ ବନ୍ଧ, ୨୭ ବ୍ୟାରେଜ୍ ଓ ୮୯ ଆନ୍ତଃନଦୀ ଜଳାଶୟ ପ୍ରକଳ୍ପ ଯୋଜନା**

ରାଜ୍ୟରେ ଲଗାତର ଭୂତଳ ଜଳସ୍ତର କମିଚାଲିଛି। ଗତ ୫ବର୍ଷରେ ଓଡ଼ିଶାରେ ୦.୫୩ ପ୍ରତିଶତ (mbgl) ଭୂତଳ ଜଳସ୍ତର ହ୍ରାସ ପାଇଥିବା ରେକର୍ଡ ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ତଥ୍ୟ ରଖିଛନ୍ତି। ଗୁରୁବାର ବିଧାନସଭାରେ ବିଧାୟକ ମାନସ କୁମାର ଦତ୍ତଙ୍କ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଲେ, ବାଲେଶ୍ୱର ଜିଲା ବାହାନଗା, ବାଲେଶ୍ୱର, ବାଲିଆପାଳ, ବସ୍ତା, ଭୋଗରାଇ, ଜଳେଶ୍ୱର, ଖଇରା, ନୀଳଗିରି, ଔପଦା, ରେମୁଣା, ସିମୁଳିଆ ଏବଂ ସୋର ବ୍ଲକ୍‌ରେ ଭୂତଳ ଜଳସ୍ତର ହ୍ରାସ ପାଇଛି। ଏହାକୁ ବୃଦ୍ଧି କରିବା ପାଇଁ ବାଲେଶ୍ୱର ଜିଲାର ବାଲିଆପାଳ, ଭୋଗରାଇ, ନୀଳଗିରି, ରେମୁଣା ଏବଂ ସୋରୋ ବ୍ଲକରେ ଥିବା ବିଭିନ୍ନ ସରକାରୀ ଅଟ୍ଟାଳିକାରେ ଛାତ ଉପରେ ବର୍ଷା ଜଳ ଅମଳଭିତ୍ତିକ 'ଛାତ ଯୋଜନା' କାର୍ଯ୍ୟକାରୀ କରାଯାଉଛି। କମୁଥିବା ଭୂତଳ ଜଳସ୍ତର ରୋକିବା ଓ ଭୂତଳ ଜଳସ୍ତର ବୃଦ୍ଧି ପାଇଁ ରାଜ୍ୟରେ ୩୩ ବନ୍ଧ, ୨୭ ବ୍ୟାରେଜ୍ ଏବଂ ୮୯ ଆନ୍ତଃନଦୀ ଜଳାଶୟ ପ୍ରକଳ୍ପ କରିବା ପାଇଁ ଯୋଜନା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଆଜି ୩ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ସ୍ଥଳସେନା ମୁଖ୍ୟ

**ଭୁବନେଶ୍ୱର,୨୬।୩(ତ୍ରିନାଥ ମହାନ୍ତି)**

୩ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ। ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ମାର୍ଚ୍ଚ ୨୭ ରୁ ୨୯ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର, ପୁରୀ ଏବଂ ଗୋପାଳପୁର ଗସ୍ତ କରିବେ। କାର୍ଯ୍ୟସୂଚୀ ଅନୁଯାୟୀ, ଦ୍ୱିବେଦୀ ଶୁକ୍ରବାର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ୧୨୦ ବାଟାଲିୟନ ଯିବେ। ସେଠାରେ ସେ ରାତ୍ରିଯାପନ କରିବେ। ମାର୍ଚ୍ଚ ୨୮ରେ ଦ୍ୱିବେଦୀ ସକାଳେ ପୁରୀ ଯାତ୍ରା କରିବେ ଏବଂ ସୈନିକ ସଦନରେ ରହିବେ। ତାଙ୍କ ଗସ୍ତ ସମୟରେ ସେ ସୈନିକ ସଦନକୁ ଫେରିବା ପୂର୍ବରୁ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ରବିବାର ସେ ତାଳବଣିଆ ହେଲିପ୍ୟାଡ୍‌ରୁ ଗୋପାଳପୁର ମିଲିଟାରି ଷ୍ଟେଶନକୁ ଯିବେ। ଗୋପାଳପୁରରେ ସେନା ମୁଖ୍ୟ ତାଲିମ ଭିତ୍ତିଭୂମି ସମୀକ୍ଷା କରିବେ। ଆର୍ମି ଏୟାର ଡିଫେନ୍ସ କଲେଜରେ ଅଧିକାରୀ ଏବଂ ପୂର୍ବତନ ସୈନିକଙ୍କ ସହିତ ଆଲୋଚନା କରିବେ। ଫାୟାରିଂ ରେଞ୍ଜରେ ଲାଇଭ ଫାୟାରିଂ ଏବଂ ଉପକରଣ ପ୍ରଦର୍ଶନ ଦେଖିବାର କାର୍ଯ୍ୟକ୍ରମ ରହିଛି। ଜେନେରାଲ ଦ୍ୱିବେଦୀ ମାର୍ଚ୍ଚ ୨୯ ତାରିଖରେ ତାଙ୍କର ଗସ୍ତ ଶେଷ କରି ନୂଆଦିଲ୍ଲୀ ଫେରିଯିବେ।

# ଓଡ଼ିଆ ପକ୍ଷରେ ଉଚ୍ଚ ଶିକ୍ଷାନୁଷ୍ଠାନରେ ପ୍ରତିଯୋଗିତା

**ଭୁବନେଶ୍ୱର,୨୬।୩(ସୁଚିସ୍ମିତା ସାହୁ)**

**୧୧ରେ ରାଜ୍ୟସ୍ତରୀୟ ଯୁବ ସାହିତ୍ୟ ସମାବେଶ**

୮ରେ ରକ୍ତଦାନ ଶିବିର, ୯ରେ 'ଆସ ବହିଟିଏ କିଣିବା ଅଭିଯାନ'

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବହୁଳ ପ୍ରଚାର ପ୍ରସାର ନିମନ୍ତେ ସାରା ରାଜ୍ୟରେ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ହେବ। ଏଥିସହ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୧୧ ତାରିଖରେ ରବୀନ୍ଦ୍ର ମଣ୍ଡପରେ ରାଜ୍ୟସ୍ତରୀୟ ଯୁବ ସାହିତ୍ୟ ସମାବେଶ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ଗଳ୍ପ, କବିତା ଏବଂ ପ୍ରବନ୍ଧ ଲିଖନ ପ୍ରତିଯୋଗିତାର ଆୟୋଜନ କରାଯିବ। ଏନେଇ ସମସ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଏବଂ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି କରାଯାଇଛି। ଏହି ୩ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଭାଙ୍କୁ ଚୟନ କରାଯାଇ ତାହାର ସମ୍ପୂର୍ଣ୍ଣ ତାଲିକା ରେଜିଷ୍ଟ୍ରାର ଓ ଅଧ୍ୟକ୍ଷମାନେ ଆସନ୍ତା ୩୦ ତାରିଖ ସୁଦ୍ଧା ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକମାନଙ୍କୁ ପ୍ରଦାନ କରିବେ। ଏହାପରେ ପ୍ରତ୍ୟେକ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଜୋନ୍‌ରେ ପ୍ରତିଯୋଗିତା ଆୟୋଜନ ହେବ। ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଜୋନରୁ ୧୫୦ ଜଣ ଏବଂ ଅନ୍ୟ ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଜୋନରୁ ୧୦୦ ଜଣ ଲେଖାଏ ଛାତ୍ରୀଛାତ୍ରଙ୍କୁ ଚୟନ କରାଯିବ। ସେମାନଙ୍କ ସମସ୍ତ ବିବରଣୀ ୫ ଏପ୍ରିଲ ସୁଦ୍ଧା ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀକୁ ଇ-ମେଲ ଯୋଗେ ପଠାଯିବ। ଅନ୍ୟ ଛାତ୍ରୀଛାତ୍ରଙ୍କ ସହ ଚୟନ ହୋଇଥିବା ପ୍ରତିଭାମାନେ ଏପ୍ରିଲ ୧୧ ରାଜ୍ୟସ୍ତରୀୟ ଯୁବ ସାହିତ୍ୟ ସମାବେଶ ଯୋଗଦେବେ।

ଏଥିସହ ଏପ୍ରିଲ ୮ରେ ରାଜ୍ୟର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ରକ୍ତଦାନ ଶିବିର ଆୟୋଜନ ହେବ। ସେହିଭଳି ଏପ୍ରିଲ ୯ରେ 'ଆସ ବହିଟିଏ କିଣିବା ଅଭିଯାନ' ପାଳନ ହେବା ଅବସରରେ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ପୁସ୍ତକ କିଣିବା ପାଇଁ ପ୍ରୋତ୍ସାହିତ କରିବାକୁ ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।



ରାମ ନବମୀ ପାଇଁ ଭୁବନେଶ୍ୱର ସ୍ଥିତ ରାମ ମନ୍ଦିରକୁ ଆଲୋକମାଳାରେ ସଜାଯାଇଛି। (ଫଟୋ: ବିକାଶ ନାୟକ)

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୬।୩।୨୦୨୬

| ୪,୦୭,୫୬୮ ଟଙ୍କା | |
|---|---|
| ସୁନା | ୭.୧୦୦ ଗ୍ରାମ୍ |
| ରୁପା | ୧୭୫.୧୦୦ ଗ୍ରାମ୍ |

## ସଂକ୍ଷେପରେ

### ମହାପ୍ରଭୁଙ୍କୁ ଲାଗିହେଲା ଯେଉଟ ଭୋଗ

ପୁରୀ,୨୬।୩(ଅଜିତ୍ କୁମାର ମହାନ୍ତି)

ଅଶୋକାଷ୍ଟମୀ ଅବସରରେ ଗୁରୁବାର ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହେବା ସହ ମହାପ୍ରଭୁଙ୍କ ନିକଟରେ ଯେଉଟ ଭୋଗ ଲାଗିକରାଯାଇଛି। ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ସରି ଧୋପଖାଳ ହେବା ପରେ ଯେଉଟ ଭୋଗ ଲାଗିକରାଯାଇଥିଲା। ପୂଜାପଣ୍ଡା ସାମନ୍ତ ପଞ୍ଚଉପଚାରରେ ମହାପ୍ରଭୁଙ୍କୁ ଭୋଗ ମଣୋହି କରିଥିଲେ। ପରେ ବଡ଼ବାଡ଼ରେ ପୂଜାପଣ୍ଡା, ମଝିବାଡ଼ରେ ପତିମହାପାତ୍ର ଏବଂ ମହାପ୍ରଭୁଙ୍କ ବାଡ଼ରେ ମୁଦିରସ୍ତ ବନ୍ଦାପନା କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଅଧିକ ଗୋଟିଏ ବନ୍ଦାପନା କରାଯାଇଥିଲା। ଏହିବନ୍ଦାପନାକୁ ଗର୍ଭଉଦକ ବନ୍ଦାପନା କୁହାଯାଏ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ବର୍ଷକରେ ମହାପ୍ରଭୁଙ୍କୁ ଦୁଇଥର ଶ୍ରୀରାମନବମୀ ଏବଂ ଜନ୍ମାଷ୍ଟମୀ ପୂର୍ବଦିନ ଯେଉଟ ଭୋଗ ଲାଗିକରାଯାଇଥାଏ।

### ଗ୍ରୀଡ୍ ଷ୍ଟେଶନ ଛକରେ ଯାନବାହନ ଯାଞ୍ଚ

ପୁରୀ,୨୬।୩(ଅଜିତ୍ କୁମାର ମହାନ୍ତି)

ପୁରୀ ସହରରେ ସଡ଼କ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ଓ ମୋଟରଯାନ ଆଇନ କଡ଼ାକଡ଼ି ପାଳନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୋଲିସ ପକ୍ଷରୁ ଗୁରୁବାର ତାଳବଣିଆ ଥାନା ଅଧୀନସ୍ଥ ଗ୍ରୀଡ୍ ଷ୍ଟେଶନ ଛକରେ ସଂଯୁକ୍ତ ଯାନବାହନ ଯାଞ୍ଚ ଅଭିଯାନ କରାଯାଇଥିଲା। ତାଳବଣିଆ ଥାନା ଆଇଆଇସି ଅଭିନବ ମିଶ୍ରଙ୍କ ନେତୃତ୍ୱରେ ଏହି ଅଭିଯାନ ହୋଇଥିଲା। ଯାଞ୍ଚ ସମୟରେ ଯେଉଁ ସଚେତନ ଓ ଆଇନ ପାଳନକାରୀ ନାଗରିକମାନେ ହେଲମେଟ୍ ପିନ୍ଧି ଯାତାୟାତ କରୁଥିଲେ, ସେମାନଙ୍କୁ ଫୁଲ ଓ ଚକୋଲେଟ୍ ପ୍ରଦାନ ରାଯାଇଥିଲା। ଏହା ମାଧ୍ୟମରେ ସମାଜରେ ସଡ଼କ ସୁରକ୍ଷା ପ୍ରତି ସଚେତନତା ବଢ଼ାଇବା ଓ ଲୋକଙ୍କୁ ଆଇନ ମାନିବାକୁ ପ୍ରେରିତ କରାଯାଇଛି। ଯେଉଁ ଯାନଚାଳକମାନେ ନିୟମ ଉଲ୍ଲଂଘନ କରୁଥିଲେ, ଯଥା ହେଲମେଟ୍ ବିନା ଚଳାଚଳ, ଆବଶ୍ୟକ ଦଲିଲପତ୍ର ନ ଥିବା ଓ ଅନ୍ୟାନ୍ୟ ମୋଟରଯାନ ଆଇନ ଉଲ୍ଲଂଘନ କରୁଥିଲେ, ସେମାନଙ୍କଠାରୁ ଆଇନ ଅନୁସାରେ ଜରିମାନା ଆଦାୟ କରାଯାଇଥିଲା। ପୁରୀ ପୋଲିସ୍ ସର୍ବଦା ଲୋକଙ୍କ ସୁରକ୍ଷା ଓ ଶୃଙ୍ଖଳା ରକ୍ଷା ପ୍ରତି ପ୍ରତିବଦ୍ଧ। ଏଭଳି ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ। ନିଜ ସୁରକ୍ଷା ପାଇଁ ସଡ଼କ ନିୟମ ମାନନ୍ତୁ ଓ ହେଲମେଟ୍ ବ୍ୟବହାର କରନ୍ତୁ ବୋଲି ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଆଜିଠୁ ସାହିଯାତ

ପୁରୀ,୨୬।୩(ଅଜିତ୍ କୁମାର ମହାନ୍ତି)

ରାମନବମୀ ଶୁକ୍ରବାରଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହେବାକୁ ଯାଉଛି ପାରମ୍ପରିକ ସାହିଯାତ। ଶ୍ରୀମନ୍ଦିର ରୀତିନୀତି ସହ ସମ୍ପୃକ୍ତ ଏହି ସାହିଯାତରେ ରାମାୟଣ କଥାବସ୍ତୁ ଉପରେ ଆଧାରିତ ଶ୍ରୀରାମ ଜନ୍ମଠାରୁ ଆରମ୍ଭ କରି ରାମାଭିଷେକ ପର୍ଯ୍ୟନ୍ତ ନୀତିକାନ୍ତି ଅନୁଷ୍ଠିତ ହେବ। ସାହିଯାତ ପାଇଁ ଶ୍ରୀକ୍ଷେତ୍ର ସମେତ ବିଭିନ୍ନ ଜାଗା ଆଖଡ଼ା ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇଉଠିଛି। ବୀରବାଦ୍ୟର ତାଳେ ତାଳେ ଚାରିଆଡ଼େ ଚାଲିଛି ରାବଣ, ପର୍ଶୁରାମ ସମେତ ଅନ୍ୟାନ୍ୟ ନୃତ୍ୟ ଓ ସମରକଳା ଅଭ୍ୟାସ। ଅପରପକ୍ଷେ ସରକାର ଚଳିତ ବର୍ଷ ସାହିଯାତ ଅନୁଦାନ ରାଶି ବୃଦ୍ଧି କରିଛନ୍ତି। ଶୃଙ୍ଖଳିତ ଭାବେ ସାହିଯାତକୁ ସମାପନ କରିବା ପାଇଁ ସାତସାହି ମୁରବି, ଜିଲା ଓ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଚୂଡ଼ାନ୍ତ ବୈଠକ ଶେଷ ହୋଇଛି। ବୀରବାଦ୍ୟରେ କମ୍ପୁଛି ଜାଗା ଓ ଆଖଡ଼ାଘର। ପାହୁଲ ଓ ଠାଣିରେ ମଜ୍ଜିଛନ୍ତି ସାହିଭେଣ୍ଡିଆ। ବୀରଦର୍ପ ଚାଲି, କଥାକୁହା ଆଖି ଓ ମନମତାଣିଆ ବେଶରେ ବିଭୋର ପୁରୀ ସହର। ମଲ୍ଲୀଫୁଲ ମାଳର ବାସ୍ନାରେ ମହକିବ ପୁରୁଷୋତ୍ତମ କ୍ଷେତ୍ର। ରାମନବମୀ ଦିନ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମନୀତି ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବା ସହ ଶ୍ରୀକ୍ଷେତ୍ରରେ ପାରମ୍ପରିକ ସାହିଯାତ ଆରମ୍ଭ ହେବ। ଗୋଟିଏ ସାହିର ଯାତ ତା'ର ପାରମ୍ପରିକ ବାଦୀ ତଥା ବନ୍ଧୁ ସାହିକୁ ଯାଇଥାଏ। ସେଠାରେ ରାବଣ, ପର୍ଶୁରାମ, ନବଶିରା, ସପ୍ତଶିରା, ମେଢ଼, ନାଗା ନୃତ୍ୟ ସହ ସମରକଳା ପ୍ରଦର୍ଶନ କରିବେ। ଶ୍ରୀମନ୍ଦିର ରୀତିନୀତି ସହ ସାହିଯାତ ଜଡ଼ିତ ଥିବାରୁ ପ୍ରତିଦିନ ସାହିରୁ ବାହାରିବାକୁ ଥିବା ଚରିତ୍ରଗଡ଼ିକ ବନ୍ଧୁ ସାହି ବା ବାଦୀସାହିରେ ନୃତ୍ୟ ପ୍ରଦର୍ଶନ କରିବା ପରେ ଜଗନ୍ନାଥବଲ୍ଲଭ ମଠକୁ ଯିବେ। ସେଠାରେ ଶ୍ରୀମନ୍ଦିରରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କ ନୀତିରେ ସାମିଲ ହେବେ। ଶ୍ରୀରାମନବମୀଠାରୁ ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ଶେଷ ହେବାପରେ ଆଜ୍ଞାମାଳ ପାଇ ଶ୍ରୀରାମ ଓ ଲକ୍ଷ୍ମଣଙ୍କ ଚଳନ୍ତି ବିଗ୍ରହ ପାଲିଙ୍କିରେ ବିଜେ ହୋଇ ଜଗନ୍ନାଥବଲ୍ଲଭ ମଠକୁ ଯାଇଥାନ୍ତି। ସେଠାରେ ଯଜ୍ଞରକ୍ଷା, ଶିବଧନୁ ଭଙ୍ଗ, ସୀତାବିବାହ, ପର୍ଶୁରାମ ଲୀଳା, ମାୟାମୃଗ ଲୀଳା, ଲଙ୍କାପୋଡ଼ି ଲୀଳା ଓ ରାବଣ ବଧ ଲୀଳାମାନ ସମ୍ପନ୍ନ ହୋଇଥାଏ। ସାହିଯାତକୁ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ପୁରୀ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସାହି ଆଖଡ଼ା ମୁରବିଙ୍କ ସହ ଆଲୋଚନା କରାଯାଇଛି। ରାମ ଜନ୍ମଠାରୁ ରାମାଭିଷେକ ପର୍ଯ୍ୟନ୍ତ ସାହିଯାତ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ସାହିଯାତ ମାର୍ଚ୍ଚ ୨୭ରୁ ଏପ୍ରିଲ ୧୨ ଯାଏ ଚାଲିବ। ପୁରୀର ଗୌରବମୟ ସାଂସ୍କୃତିକ ସମରକଳା ପରମ୍ପରା ସମ୍ବଳିତ ସାହିଯାତକୁ ପୂର୍ବବର୍ଷ ଅପେକ୍ଷା ଅଧିକ ଆକର୍ଷଣୀୟ ଭାବେ ପାଳନ କରିବାକୁ ପ୍ରଶାସନ ପ୍ରସ୍ତୁତ ହୋଇଛି। ରାସ୍ତାଘାଟ ମରାମତି, ଆଲୋକ, ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ସ୍ୱାସ୍ଥ୍ୟସେବା, ଅଗ୍ନିଶମ, ପାନୀୟ ଜଳ, ପ୍ରଚାରପ୍ରସାର, ଡ୍ରେନ୍ ପରିଷ୍କାର ଉପରେ ପ୍ରଶାସନ ଗୁରୁତ୍ୱ ଦେଇଛି। ମାର୍ଚ୍ଚ ୨୭ରେ କାଳିକାଦେବୀ ସାହି ପକ୍ଷରୁ ଶ୍ରୀରାମ ଜନ୍ମ ଉତ୍ସବ ପାଳନ ହେବ। ୨୮ରେ ମାଟିମଣ୍ଡପ ସାହି ପକ୍ଷରୁ ନିଶାଣ ଶୋଭାଯାତ୍ରା ଓ ହରଚଣ୍ଡୀ ସାହି ପକ୍ଷରୁ ଯଜ୍ଞ ରକ୍ଷା, ୨୯ରେ ହରଚଣ୍ଡୀ ସାହି ପକ୍ଷରୁ ସୀତା ବିବାହ, ୩୦ରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ଶ୍ରୀରାମ ବନବାସ, ଏପ୍ରିଲ ୧ରେ କୁଣ୍ଡେଇବେଣ୍ଟ ସାହି ପକ୍ଷରୁ ମାୟାମୃଗ, ୩ରେ ଦୋଳମଣ୍ଡପ ସାହି ପକ୍ଷରୁ ଲଙ୍କା ପୋଡ଼ି, ୪ରେ ବାଲିସାହି ପକ୍ଷରୁ ସେତୁବନ୍ଧ ପ୍ରତିଷ୍ଠା, ୫ରେ ବାଲିସାହି ପକ୍ଷରୁ ରାବଣ ବଧ ଓ ୧୨ତାରିଖରେ ଗୌଡ଼ବାଡ଼ ସାହି ପକ୍ଷରୁ ଶ୍ରୀରାମଙ୍କ ରାଜ୍ୟାଭିଷେକ ଅନୁଷ୍ଠିତ ହେବ।

### ପାରମ୍ପରିକ ସମରକଳା ଓ ବୀରବାଦ୍ୟରେ ଦୁଲୁକିବ ଶ୍ରୀକ୍ଷେତ୍ର





ଅଶୋକାଷ୍ଟମୀ ଅବସରରେ ଗୁରୁବାର ଶ୍ରୀଲୋକନାଥଙ୍କୁ ଜଗନ୍ନାଥ ବଲ୍ଲଭକୁ ନୀତି ପାଇଁ ବିଜେ କରାଯାଉଛି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ଶ୍ରୀମନ୍ଦିରରେ ଅଶୋକାଷ୍ଟମୀ ନୀତି ସମ୍ପନ୍ନ

ପୁରୀ,୨୬।୩(ଅଜିତ୍ କୁମାର ମହାନ୍ତି)

ଚୈତ୍ର ମାସ ଶୁକ୍ଳପକ୍ଷ ଅଷ୍ଟମୀ ବା ଅଶୋକାଷ୍ଟମୀ ଅବସରରେ ଗୁରୁବାର ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଉକ୍ତ ଦିନ ଶ୍ରୀମନ୍ଦିରରୁ ଶ୍ରୀଲୋକନାଥ ଶ୍ରୀଜଗନ୍ନାଥବଲ୍ଲଭ ମଠକୁ ବିଜେକରି ସେଠାରେ ନୀତି ସମ୍ପନ୍ନ କରିଥାନ୍ତି। ଶ୍ରୀବିଗ୍ରହଙ୍କ ସକାଳ ଧୂପସମ୍ପନ୍ନ ପରେ ଭଣ୍ଡାରଘରୁ ଶ୍ରୀଲୋକନାଥ ରତ୍ନସିଂହାସନ ନିକଟକୁ ବିଜେ କରିଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ଆଣି ପ୍ରଭୁ ଲୋକନାଥଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକମାନେ ଶ୍ରୀଲୋକନାଥଙ୍କୁ ଆଣି ଝୁଲଣମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ଘଣ୍ଟ, ଛତା, କାହାଳୀ ଏବଂ ସେବାୟତଙ୍କ ଗହଣରେ ବିମାନବଡୁ ସେବକମାନେ ପ୍ରଥମେ ଶ୍ରୀମନ୍ଦିର ଉତ୍ତରଦ୍ୱାର ନିକଟରେ ଥିବା ଈଶାନେଶ୍ୱର ବା ଐଶାନେଶ୍ୱର ମହାଦେବ ମନ୍ଦିରକୁ ବିଜେ କରାଇଥିଲେ। ସେଠାରେ ପାଳିଆ ଖୁଣ୍ଟିଆ ଏକ ଖଣ୍ଡ ଅମୁଣିଆ ମାଳ ନେଇ ଭିତରଚ୍ଛ ସେବକଙ୍କୁ ପ୍ରଦାନ କରିଥିଲେ। ଉକ୍ତ ଅମୁଣିଆ ମାଳକୁ ଭିତରଚ୍ଛ ସେବକ ଈଶାନେଶ୍ୱରଙ୍କୁ ଲାଗିକରାଇ ଲୋକନାଥ ଠାକୁରଙ୍କୁ ପ୍ରଦାନ କରିଥିଲେ। ଶୀତଳ ଭୋଗ ମଣୋହି ହେବା ସହ କର୍ପୂର ଆରତି ଅନୁଷ୍ଠିତ ହୋଇଥିଲା। ନୀତି ସମ୍ପନ୍ନ ପରେ ବିମାନବଡୁ ସେବକମାନେ ଲୋକନାଥଙ୍କୁ ପାଲିଙ୍କିରେ ସିଂହଦ୍ୱାର ଦେଇ ଜଗନ୍ନାଥବଲ୍ଲର ମଠକୁ ବିଜେ କରାଇଥିଲେ। ସେଠାରେ ଠାକୁରଙ୍କ ମଇଲମ, ଅବକାଶ କରାଯାଇ ଶୀତଳ ଭୋଗ ମଣୋହି କରାଯାଇଥିଲା। ଭିତରଚ୍ଛଙ୍କ ଦ୍ୱାରା ବନ୍ଦାପନା ପରେ ଶ୍ରୀଲୋକନାଥଙ୍କୁ ଅଶୋକ କଢ଼ି ଲାଗି କରାଯାଇଥିଲା। ପରେ ଶ୍ରୀଲୋକନାଥ ସେବାୟତଙ୍କ ଗହଣରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ବାହୁଡ଼ା ବିଜେ ପରେ ଅନ୍ୟାନ୍ୟ ନୀତିଅନୁଷ୍ଠିତ ହୋଇଥିଲା।

### ୨୮ରୁ ଶ୍ରୀକ୍ଷେତ୍ର ମକର ମହୋତ୍ସବ

ପୁରୀ,୨୬।୩(ଅଜିତ୍ କୁମାର ମହାନ୍ତି)

ତାଳବଣିଆ ଉନ୍ନୟନ ପରିଷଦ ପକ୍ଷରୁ ୨ୟ ଶ୍ରୀକ୍ଷେତ୍ର ମକର ମହୋତ୍ସବ ତାଳବଣିଆ ପଡ଼ିଆରେ ମାର୍ଚ୍ଚ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ଗୁରୁବାର ସର୍କିଟ ହାଉସରେ ପରିଷଦ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମରେ ଡ. ଅନୁରାଧା ପାଣିଗ୍ରାହୀ, ଲିପ୍ସା ମହାପାତ୍ର, ଜୟଶ୍ରୀ ଧଳ ଏବଂ ଚେଲ୍‌ସି ବେଉରା ପ୍ରମୁଖ ସଙ୍ଗୀତ ପରିବେଷଣ କରିବେ। ଖାଦ୍ୟ ଓ ହସ୍ତଶିଳ୍ପର ୩୦ଟି ଷ୍ଟଲ୍ ସମେତ ପିଲାଙ୍କ ଖେଳନା ଷ୍ଟଲ ରହିବ। ବାଲୁକା କଳା ସହ ଶିଶୁ ଉଦ୍ୟାନ ଓ ଦୋଳିଖେଳ ବ୍ୟବସ୍ଥା ରହିବ। ପୂର୍ବରୁ ଆୟୋଜିତ ଚିତ୍ରାଙ୍କନ, ବକ୍ତୃତା ଓ ଝୋଟି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। କେତେଜଣ ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯିବ। ଖବରଦାତା ସମ୍ମିଳନୀରେ ଅଭ୍ୟର୍ଥନା କମିଟିର ମଧୁସୂଦନ ସିଂହାରୀ, ଉମାକାନ୍ତ ନାୟକ, ଦିଗ୍‌ଦର୍ଶନ ପଟ୍ଟନାୟକ, ହରିହର ମହାପାତ୍ର, ରାଜେଶ କୁମାର ନନ୍ଦ, ବିଶ୍ୱଜିତ ମହାନ୍ତି, ଜ୍ୟୋତି ମହାପାତ୍ର ଓ ରଞ୍ଜିତା ପାଢ଼ୀଙ୍କ ସହ ଅନୁଷ୍ଠାନର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାବୁ



@ ଦୀପକ



@ ରାଜେଶ



@ ବାପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୨ ନିଖୋଜ ନାବାଳିକା ଉଦ୍ଧାର

ପୁରୀ,୨୬।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରେ ନାବାଳିକା ନିଖୋଜ ଘଟଣାରେ ପୋଲିସ ଦୁଇଜଣ ନାବାଳିକାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ସଦର ଥାନା କେସ୍ ନଂ–୧୯୪/୨୬ରେ ଜଣେ ୧୭ ବର୍ଷୀୟା ନାବାଳିକା ନିଖୋଜ ହୋଇଥିବା ସୂଚନା ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସଂଗୃହୀତ ସୂଚନା ଓ ତଦନ୍ତ ଆଧାର ଉକ୍ତ ନାବାଳିକାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ବର୍ତ୍ତମାନ ତାଙ୍କ ସମ୍ବନ୍ଧରେ ଆବଶ୍ୟକ ଆଇନଗତ ପ୍ରକ୍ରିୟା ଚାଲୁ ରହିଛି। ସେହିପରି କୁମ୍ଭାରପଡ଼ା ଥାନା କେସ୍ ନଂ. ୧୫୯/୨୬ ରୁଜୁ ହୋଇଥିବା ଅନ୍ୟ ଜଣେ ନାବାଳିକା ନିଖୋଜ ମାମଲାରେ ମଧ୍ୟ ପୋଲିସ ତଦନ୍ତ କରି ତାଙ୍କୁ ଉଦ୍ଧାର କରିଛି। ଏ ନେଇ ଆଇନଗତ ପ୍ରକ୍ରିୟା ଚାଲିଛି। ନାବାଳିକାଦ୍ୱୟଙ୍କୁ ଚିକିତ୍ସା ପରୀକ୍ଷା ପାଇଁ ପଠାଯିବା ସହ ତାଙ୍କ ପରିବାର ସଦସ୍ୟଙ୍କ ସହିତ ଯୋଗାଯୋଗ ସ୍ଥାପିତ କରାଯାଇଛି। ସମସ୍ତ ଆବଶ୍ୟକ ଆଇନଗତ ପଦକ୍ଷେପ ନିୟମାନୁସାରେ ଗ୍ରହଣ କରାଯାଉଛି।

## କିଶୋର ନ୍ୟାୟ ବ୍ୟବସ୍ଥା ସଂକ୍ରାନ୍ତ କର୍ମଶାଳା

ପୁରୀ,୨୬।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସଂସ୍କୃତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନେଇ ଗ୍ରାମପଞ୍ଚାୟତଗୁଡ଼ିକରେ କିଶୋର ନ୍ୟାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ଅଜିତ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ତୃଣମୂଳସ୍ତରରେ ଶିଶୁଙ୍କୁ ସୁରକ୍ଷିତ ରଖିବା ଓ ସେମାନଙ୍କୁ ଶିଶୁସୁଲଭ ପରିବେଶ ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ କିଶୋର ନ୍ୟାୟ ବୋର୍ଡ ସଦସ୍ୟ ମହାବୀର ରୁଦ୍ରନାରାୟଣ ସାହୁ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ତୃପ୍ତି ବଡ଼ଜେନା, ଜିଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା, ଅତିରିକ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି, ପ୍ରୋଟେକ୍ସନ ଅଫିସର ସୁହାଗି ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେବା ପରେ ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ ମିଶନ ବାତ୍ସଲ୍ୟ, କିଶୋର ନ୍ୟାୟ ଆଇନ–୨୦୧୫ ସମ୍ବନ୍ଧରେ ଆଲୋଚନା କରିଥିଲେ। ୟୁନିସେଫ୍ ପରାମର୍ଶଦାତା ଘାସିରାମ ପଣ୍ଡା ବାଲ୍ୟବିବାହ ନିଷେଧ, ଶିଶୁଙ୍କୁ ଶୋଷଣରୁ ସୁରକ୍ଷା, ଶିଶୁମିତ୍ର ପଞ୍ଚାୟତ ବିଷୟରେ ତାଲିମଦାତାମାନେ ବିସ୍ତୃତ ଆଲୋଚନା କରିଥିଲେ। ସହକାରୀ ସଂଯୋଜିକା ଶକୁନ୍ତଳା ଦାସ ଅଦ୍ୱିକା ଯୋଜନାରେ ପିଇଓଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ମହାବୀର ରୁଦ୍ରନାରାୟଣ ସାହୁ ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁଙ୍କ ଆବଶ୍ୟକତା ଓ ଥଇଥାନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅଜିତ କୁମାର ମହାପାତ୍ର ଆନ୍ତଃ ବିଭାଗୀୟ ସମନ୍ୱୟ, ଶିଶୁ ଓ ପରିବାର ସମୃଦ୍ଧିରେ ପିଇଓଙ୍କ ଭୂମିକା ବିଷୟରେ ବୁଝାଇଥିଲେ। ଏହି ଅବସରରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଚାଇଲ୍ଡ ହେଲ୍ପଲାଇନ ପୋଷ୍ଟର ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମରେ ଚାଇଲ୍ଡ ହେଲ୍ପଲାଇନ ସଂଯୋଜକ କୃଷ୍ଣଚନ୍ଦ୍ର ମିଶ୍ର, ଶିଶୁ ସୁରକ୍ଷା ୟୁନିଟ୍‌ର ଅକ୍ଷୟ କୁମାର ଚୌଧୁରୀ, ବିଜୟ କୁମାର ପରିଡ଼ା ରୋଜାଲିନ ପାତ୍ର, ସନ୍ତୋଷ ସାହୁ, ସ୍ନିଗ୍ଧାରାଣୀ ସାହୁ ଏବଂ ହରେକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




କର୍ମଶାଳାରେ ମଞ୍ଚାସୀନ ଅତିଥି ।

## ବଡ଼ଦାଣ୍ଡରେ ମଦ ନିଷେଧ ସ୍ୱାଗତଯୋଗ୍ୟ ନିଷ୍ପତ୍ତି

ପୁରୀ,୨୬।୩(ଅଜିତ୍ କୁମାର ମହାନ୍ତି)

**ମଦ୍ୟପାନ ଏକ 'କ୍ଷତିକାରକ ଅଭ୍ୟାସ'। ଏହାକୁ ବିକ୍ରି କରିବାକୁ ଆଉ ଲୋକଙ୍କ ଉପରେ ଚାପ ପ୍ରୟୋଗ କରାଯିବ ନାହିଁ। ବିଶେଷକରି ଧାର୍ମିକ ଓ ସାଂସ୍କୃତିକ ଭାବନାକୁ ସମ୍ମାନ ଦେଇ ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ଓ ବଡ଼ଦାଣ୍ଡ ପାଖରେ କୌଣସି ଅବକାରୀ ଦୋକାନ ଆଉ ରହିବ ନାହିଁ ବୋଲି ରାଜ୍ୟ ସରକାର ଗୁରୁବାର ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ଏପ୍ରିଲ ୧ରୁ ଲାଗୁ ହେବାକୁ ଥିବା ସରକାରଙ୍କ ନୂଆ ତ୍ରୈବାର୍ଷିକ ଅବକାରୀ ନୀତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ସେହିପରି ବଡ଼ଦାଣ୍ଡକୁ ଆମିଷମୁକ୍ତ କରିବା ପାଇଁ ମଧ୍ୟ ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।**

### ତୁରନ୍ତ କଡ଼ାକଡ଼ି କାର୍ଯ୍ୟକାରୀ କରାଯାଉ

ବଡ଼ଦାଣ୍ଡ ଏବଂ ଶ୍ରୀମନ୍ଦିର ପାଖରେ ମଦଦୋକାନ ରହିପାରିବ ନାହିଁ ବୋଲି ରାଜ୍ୟ ସରକାରଙ୍କ ନୂଆ ଅବକାରୀ ନୀତିରେ ଉଲ୍ଲେଖ କରାଯାଇଛି। ଏହାକୁ ଆମେ ସ୍ୱାଗତ କରୁଛୁ। ଦୀର୍ଘଦିନ ହେବ ଏନେଇ ଦାବି କରାଯାଇଆସୁଥିଲା। ତେବେ ଖାଲି କଥାରେ ନୁହେଁ, କଡ଼ାକଡ଼ି ଭାବେ ପାଳନ ହେବା ଆବଶ୍ୟକ। ପୂର୍ବରୁ ମଧ୍ୟ ଏପରି ଅନେକ ନିୟମ ଆସିଛି, ମାତ୍ର ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇନାହିଁ। ଯଦି ଶ୍ରୀମନ୍ଦିର ଚାରିପାଖ ଓ ବଡ଼ଦାଣ୍ଡରେ ମଦ ଦୋକାନ ବ୍ୟାନ୍ କରାଯାଉଛି, ତେବେ ଭକ୍ତଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ବଡ଼ଦାଣ୍ଡକୁ ସରକାର ଆମିଷମୁକ୍ତ କରନ୍ତୁ। ଫଳରେ ଏକ ଧାର୍ମିକ ବାତାବରଣ ସୃଷ୍ଟିହେବ। ବର୍ତ୍ତମାନ ବଡ଼ଦାଣ୍ଡରେ ମଦ ଦୋକାନ ନାହିଁ। କେବଳ ମେଡିକାଲ ଛକ ଜେଲରୋଡ୍‌ଠାରେ ଗୋଟିଏ ମଦଦୋକାନ ରହିଛି। ତେବେ ଦେଖାଯାଉ ନିୟମ କେବେ କାର୍ଯ୍ୟକାରୀ ହେଉଛି।

**– ଶ୍ୟାମପ୍ରକାଶ ସେନାପତି, ସାମାଜିକ କର୍ମୀ**

### ସରକାରଙ୍କ ନିୟମ ସ୍ୱାଗତଯୋଗ୍ୟ

ଶ୍ରୀମନ୍ଦିର ଚାରିପାଖେ ଓ ନିକଟରେ ମଦ ଦୋକାନ ରହିବା ଅନୁଚିତ। ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସୁଛନ୍ତି। ତେଣୁ ଭକ୍ତ ଭାବପୂର୍ଣ୍ଣ ପରିବେଶ ସହ ଆଧ୍ୟାତ୍ମିକ ପରିବେଶ ପାଇଁ ବଡ଼ଦାଣ୍ଡ ନିକଟରେ ମଦ ଦୋକାନ ରହିବା ଅନୁଚିତ। ପୁରୀ ଆସିବା ବାଟରେ ବଡ଼ଦାଣ୍ଡରେ ମଦ ଦୋକାନ ଦେଖିବାକୁ ପାଇନୁ। ସରକାରଙ୍କ ଏପରି ନିୟମ ସ୍ୱାଗତଯୋଗ୍ୟ। ତେବେ ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଆବଶ୍ୟକ।

**– ଅମିତ୍ ଚାର୍ଟାର୍ଜୀ, ଶ୍ରଦ୍ଧାଳୁ**

### ବଡ଼ଦାଣ୍ଡକୁ ଆମିଷମୁକ୍ତ କରାଯାଉ

ଶ୍ରୀଜଗନ୍ନାଥଙ୍କୁ ନେଇ ଶାସନକୁ ଆସିଥିବା ଭାଜପା ସରକାର ବଡ଼ଦାଣ୍ଡ ଓ ଶ୍ରୀମନ୍ଦିର ଚାରିପାଖରେ ମଦ ଦୋକାନ ନ ରହିବା ନେଇ ନିୟମ ଆଣିଛନ୍ତି, ଯାହା ସ୍ୱାଗତଯୋଗ୍ୟ। ତେବେ ସରକାରଙ୍କ ପକ୍ଷରୁ ଅନେକ ଘୋଷଣା କରାଯାଉଛି, ମାତ୍ର କାର୍ଯ୍ୟକାରୀ ହେଉନାହିଁ। ଯଦି ସରକାର ଏହି ନିୟମ କରିବେ ବୋଲି ଘୋଷଣା କରିଛନ୍ତି ତେବେ ଯଥାଶୀଘ୍ର କାର୍ଯ୍ୟକାରୀ କରନ୍ତୁ। କେବଳ ମଦ ଦୋକାନ ନୁହେଁ, ବଡ଼ଦାଣ୍ଡକୁ ଆମିଷମୁକ୍ତ କରାଯାଉ। ସରକାର ପୂର୍ବରୁ ବଡ଼ଦାଣ୍ଡକୁ ଆମିଷମୁକ୍ତ କରିବା ନେଇ କହିଥିଲେ ମଧ୍ୟ ଆଜିଯାଏ ତାହା କାର୍ଯ୍ୟକାରୀ ହେଲା ନାହିଁ। ଭକ୍ତଙ୍କ ମାନସିକତାକୁ ଗୁରୁତ୍ୱ ଦେଇ ତୁରନ୍ତ ପଦକ୍ଷେପ ନିଆଯାଉ।

**– ବଦ୍ରି ମିଶ୍ର, ସଭାପତି, ଓଡ଼ିଶା ଯୁବ ଚେତନା ସଭା**

### ସମସ୍ତ ପ୍ରକାର ନିଶା ନିଷିଦ୍ଧ କରାଯାଉ

ଦିନକୁ ଦିନ ଯୁବପିଢ଼ି ନିଶାଗ୍ରସ୍ତ ହେଉଛନ୍ତି। ତେଣୁ ଖାଲି ମଦ ନୁହେଁ ସମସ୍ତ ପ୍ରକାର ନିଶା ବାରଣ ହେବା ଆବଶ୍ୟକ। ନୂଆ ଅବକାରୀ ଆଇନରେ ସରକାର ପୁରୀ ନିମନ୍ତେ ଯେଉଁ ନିୟମ ଆଣିବାକୁ ଯାଉଛନ୍ତି ତାହା ସ୍ୱାଗତଯୋଗ୍ୟ ପଦକ୍ଷେପ। ବଡ଼ଦାଣ୍ଡରେ ମଦ ଦୋକାନ ନାହିଁ, ଅନ୍ୟ ସ୍ଥାନରେ ରହିଛି। ମନ୍ଦିରଠାରୁ ମଧ୍ୟ ଦୂରରେ ରହିଛି। ଚାରିଧାମ ମଧ୍ୟରୁ ଅନ୍ୟତମ ତଥା ପ୍ରମୁଖ ଧାମ ଜଗନ୍ନାଥ ଧାମରେ ମଦ ଦୋକାନ ବ୍ୟାନ କରାଯିବା ଆବଶ୍ୟକ। ମଦ୍ୟପାନକରି ଅନେକ ସମୟରେ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟ ଦେଖିବାକୁ ମିଳୁଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ଏପରି ଦୃଶ୍ୟ ଦେଖି ନକାରାତ୍ମକ ଭାବନା ନେଇ ଫେରୁଛନ୍ତି।

**– ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ, ପୁରୀ ବାସିନ୍ଦା**

## ବିଦ୍ୟାଳୟ ଉନ୍ନତୀକରଣ ପାଇଁ ଶିଳାନ୍ୟାସ

ତ୍ରିଶୁଳିଆ, (ତୁଷାରକାନ୍ତ ବେହେରା): ଇଞ୍ଚଣା ପଞ୍ଚାୟତ ପଦ୍ମକେଶରୀପୁର ସରକାରୀ ଆଶ୍ରମ ବିଦ୍ୟାଳୟ ଉନ୍ନତିକରଣ ପାଇଁ ଗୁରୁବାର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୬ଲକ୍ଷ ୩୬ହଜାର ୩୦୬ଟଙ୍କା ବ୍ୟୟ ବରାଦରେ ବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟ ପାଇଁ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁନାଲ ରାଉତ, ସରପଞ୍ଚ ହେମନ୍ତ କୁମାର ପରିଡା, ସୋମନାଥ ମଣ୍ଡଳ ସଭାପତି ସ୍ନେହାଶିଷ ପତି ପ୍ରମୁଖ ଯୋଗଦେଇଥିଲେ। ପରବର୍ତ୍ତୀ ସମୟରେ ସରକାରଙ୍କର ଏହି ଲୋକାଅଭିମୁଖୀ କାର୍ଯ୍ୟ ଦାଦା, ରଘୁନାଥପୁର, କଲ୍ୟାଣପୁର,ବରିମୁଣ୍ଡ ଆଦି ପଞ୍ଚାୟତରେ କରାଯିବ ବୋଲି ପୂର୍ବତନ ବିଧାୟକ ମିଶ୍ର କହିଛନ୍ତି।

### ସଂକ୍ଷେପରେ

## ଅଷ୍ଟମରେ ମା' ବୁଢ଼ୀ ମଙ୍ଗଳାଙ୍କ ମହାଗୌରୀ ବେଶ



ତିଗିରିଆ, ୨୬।୩ (ଜାଫର ଖାଁ) ତିଗିରିଆ ବ୍ଲକ ବିନ୍ଧାଣିମାସ୍ଥିତ ଆରାଧ୍ୟା ଠାକୁରାଣୀ ମା' ବୁଢ଼ୀ ମଙ୍ଗଳାଙ୍କ ପୀଠରେ ଚାଲିଥିବା ବାସନ୍ତୀକ ଦୁର୍ଗାପୂଜାର ଅଷ୍ଟମୀରେ ମା' ଗୁରୁବାର ଭକ୍ତଙ୍କୁ ମହାଗୌରୀ ବେଶରେ ଦର୍ଶନ ଦେଉଛନ୍ତି। ଏହି ଅବସରରେ ମା'ଙ୍କ ପୀଠରେ ରୀତିନୀତି ଅନୁଯାୟୀ ବିଭିନ୍ନ ପୂଜାର୍ଚ୍ଚନା ଓ ନୀତି ସମ୍ପନ୍ନ ହୋଇଥିଲା।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ବ୍ଲକ୍‌ସ୍ତରୀୟ ଜନଶୁଣାଣି

ତିଗିରିଆ, ୨୬।୩( ଜାଫର ଖାଁ ) ତିଗିରିଆ ବ୍ଲକସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଜନଶୁଣାଣି ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ମନସ୍ୱିନୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବ୍ଲକ ନିର୍ବାହୀ ସହାୟକ ଯନ୍ତ୍ରୀ କୈଳାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ, ଜନଶୁଣାଣି କମିଟି ସଭ୍ୟ ଅଚ୍ୟୁତ ଜେନା ଯୋଜନାର କାର୍ଯ୍ୟକାରିତା ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବର୍ଷ ୨୦୨୫-୨୦୨୬ ପାଇଁ ହୋଇଥିବା ଶୁଣାଣିରେ ବ୍ଲକର ୧୪ ପଞ୍ଚାୟତରେ ୧୦,୨୩୭ ଜବକାର୍ଡ ଥିବାବେଳେ ସେଥିରୁ ୪୫୯୩ କାର୍ଡ ମାଧ୍ୟମରେ ୭୧୬୮ ଜଣ ଶ୍ରମିକ କାମ କରୁଛନ୍ତି। ବର୍ତ୍ତମାନ ୯୦୧ ପ୍ରକଳ୍ପର କାମ ଚାଲୁ ରହିଥିବାବେଳେ ୪୮୫ର କାମ ଶେଷ ହୋଇଛି। ଏହି ପ୍ରକଳ୍ପଗୁଡ଼ିକ ବାବଦରେ ୧ କୋଟି ୧୦ ଲକ୍ଷ ୫୨ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଶିବିରରେ ଏବିଡିଓ ଯାଜ୍ଞସେନୀ ଗୋଛାୟତ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସହାୟକ ଟୁନା ବେହେରା ଉପସ୍ଥିତ ଥିଲେ। ବ୍ଲକର ସମସ୍ତ ଲୋକପ୍ରତିନିଧି, ବିଭାଗୀ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିଦ୍ୟାଳୟର ବାର୍ଷିକୋତ୍ସବ

ବାଙ୍କୀ,୨୬।୩ (ଜ୍ଞାନେନ୍ଦ୍ର ମୋହନ ମିଶ୍ର ) ଡମପଡ଼ା ବ୍ଲକ ଅନ୍ତର୍ଗତ ରଗଡି ପଞ୍ଚାୟତରେ ଅବସ୍ଥିତ ପିଏମ୍‌ଶ୍ରୀ ବିଶ୍ୱନାଥ ଶ୍ରୀଚନ୍ଦନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପ୍ରାଙ୍ଗଣରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଡମପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ମିନତି ମହାପାତ୍ର, ରଗଡ଼ି ସରପଞ୍ଚ ବିଜୟଲକ୍ଷ୍ମୀ ମହାନ୍ତି ଯୋଗଦେଇଥିଲେ। ଏଥିରେ ପ୍ରଧାନ ଶିକ୍ଷକ ବିଜୟ କୁମାର ପ୍ରଧାନ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ସୁଧାକର ମହାନ୍ତି ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବତନ ସିଆରସିସି ଦାଶରଥି ପରିଡ଼ାଙ୍କୁ ମୁଖ୍ୟଅତିଥି ବିଧାୟକ ତ୍ରିପାଠୀ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଚାମ୍ପିୟନ୍ ହୋଇଥିବା ପିଲା ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଏହାକୁ ଶିକ୍ଷକ ଜନ୍ମେଜୟ ଭୋଳ ପରିଚାଳନା କରିଥିଲେ।

## ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଘାଟିତ

ତିଗିରିଆ, ୨୬।୩ (ଜାଫର ଖାଁ): ତିଗିରିଆ ବ୍ଲକ ନୂଆପାଟଣା ଚୈତନ୍ୟ ସାହୁ ବିଜ୍ଞାନ ଓ କଳା ସ୍ନାତକ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଯୁଗ୍ମ ଏକକ ପକ୍ଷରୁ ଗୁରୁବାର ସ୍ୱତନ୍ତ୍ର ଜାତୀୟ ସେବା ଯୋଜନା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍‌ର ପୁରୁଷ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ସୁଧାକର ପୁଦୁଲି, ମହିଳା ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ସିପ୍ରା ମହାପାତ୍ରଙ୍କ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ନୂଆପାଟଣା ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ପଦ୍ମନାଭ ଶତପଥୀ, ସମ୍ମାନିତ ଅତିଥି ଭାବେ ସ୍ନାତକ ମହାବିଦ୍ୟାଳୟର ପୂର୍ବତନ ପ୍ରୋଗ୍ରାମ ଅଫିସର ଇଂଲିଶ୍ ଅଧ୍ୟାପକ ଦେବରାଜ ପଣ୍ଡା ଯୋଗଦେଇଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟ ପକ୍ଷରୁ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିବିରରେ ମହାବିଦ୍ୟାଳୟର ୫୦ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଉତ୍ସବ ପରିଚାଳନାରେ ମହାବିଦ୍ୟାଳୟ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ।

# ମାହାଙ୍ଗା ବ୍ଲକ୍‌ରେ ଇ-ଗ୍ରାମ ସ୍ୱରାଜ ପୋର୍ଟାଲ ପ୍ରହସନ

■ ପୋର୍ଟାଲରେ ଅପ୍‌ଲୋଡ୍ ନ କରି ୧୦ କୋଟିରୁ ଊର୍ଦ୍ଧ୍ୱ ମାନୁଆଲ ପେମେଣ୍ଟ

■ ଜନସାଧାରଣଙ୍କ ପାଇଁ ଥିବା ଏହି ପୋର୍ଟାଲ୍ ବ୍ଲାଙ୍କ

■ ଜିଲାପାଳଙ୍କୁ ଅଭିଯୋଗ କରି ତଦନ୍ତ ଦାବି କଲେ ବ୍ଲକ ଅଧ୍ୟକ୍ଷା

ମାହାଙ୍ଗା,୨୬।୩ (ଅଜୟ କୁମାର ମହାନ୍ତି): ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ନିୟମ ଅନୁଯାୟୀ, ବ୍ଲକର ସମସ୍ତ କାର୍ଯ୍ୟ ଏବଂ ଖର୍ଚ୍ଚ ଠିକ୍ ଭାବେ ଇ-ଗ୍ରାମ ସ୍ୱରାଜ ପୋର୍ଟାଲ୍‌ରେ ଉଲ୍ଲେଖ ରହିବା କଥା। ଫଳରେ ଏଥିରେ ସ୍ୱଚ୍ଛତା ଆସିପାରିବ। ସାଧାରଣ ଲୋକ ଖର୍ଚ୍ଚ ବାବଦରେ ସମସ୍ତ ତଥ୍ୟ ଏହି ପୋର୍ଟାଲ ମାଧ୍ୟମରେ ପାଇ ପାରିବେ। ମାତ୍ର କଟକ ଜିଲା ମାହାଙ୍ଗା ବ୍ଲକରେ ଏହା ପ୍ରହସନରେ ପରିଣତ ହୋଇଛି। ବ୍ଲକରେ ଇ-ଗ୍ରାମ ସ୍ୱରାଜ ପୋର୍ଟାଲରେ ଦର୍ଶା ନ ଯାଇ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମାନୁଆଲ ପେମେଣ୍ଟ କରାଯାଇଛି ବୋଲି ବ୍ଲକ ଅଧ୍ୟକ୍ଷା ଦୀପା ମଲ୍ଲିକ କଟକ ଜିଲାପାଳଙ୍କୁ ବୁଧବାର ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ଅଧ୍ୟକ୍ଷା ମଲ୍ଲିକ ଦର୍ଶାଇଛନ୍ତି, ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ନିୟମ ଅନୁଯାୟୀ, ବ୍ଲକର ସମସ୍ତ କାର୍ଯ୍ୟ ଏବଂ ଖର୍ଚ୍ଚ ଠିକ୍ ଭାବେ ଇ -ଗ୍ରାମ ସ୍ୱରାଜ ପୋର୍ଟାଲ୍‌ରେ ଉଲ୍ଲେଖ ରହିବା କଥା। ପେମେଣ୍ଟ ସବୁ ଏହି ପୋର୍ଟାଲ୍‌ରେ ପିଏଫ୍‌ଏମ୍‌ଏସ୍ (ପବ୍ଲିକ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟ ସିଷ୍ଟମ୍) ମାଧ୍ୟମରେ ଦିଆଯିବାର ନିୟମ ରହିଛି। ପୋର୍ଟାଲ ବାହାରେ ଟଙ୍କାଟିଏ ବି ଖର୍ଚ୍ଚ କରିବାର ନିୟମ ନାହିଁ। ମାତ୍ର ମାହାଙ୍ଗା ବ୍ଲକରେ ବହୁ କୋଟି ଟଙ୍କାର ପେମେଣ୍ଟ ପୋର୍ଟାଲ୍‌ରେ ଅପ୍‌ଲୋଡ ନ କରାଯାଇ ପେମେଣ୍ଟ କରାଯାଇଥିବା ଅଭିଯୋଗ ହୋଇଛି। ପୋର୍ଟାଲରେ ସମସ୍ତ ତଥ୍ୟର ସ୍ଥାନ ଶୂନ୍ୟ ପଡ଼ିଥିବା ବେଳେ ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟରେ ସରକାରୀ ଅର୍ଥ ମନଇଚ୍ଛା କାରବାର କରାଯାଇଛି। ପୋର୍ଟାଲରେ ଦର୍ଶା ନ ଯାଇ ମାନୁଆଲି ଚେକ୍ ମାଧ୍ୟମରେ ହୋଇଥିବା ପେମେଣ୍ଟ ଟାଟା ପାୱାର, ପେଟ୍ରୋଲ ପମ୍ପ, କେବୁଲ ନେଟ୍‌ୱର୍କ ସହ ଅନ୍ୟ କିଛି ଭେଣ୍ଡରଙ୍କୁ ଦିଆଯାଇଛି। ବହୁ କୋଟି ଟଙ୍କା ବ୍ଲକର ସହକାରୀ ଯନ୍ତ୍ରୀ ଅମିତା ମଲ୍ଲିକ, ଜଗନ୍ନାଥ ପ୍ରସାଦ ବାରିକ, ମିରମ୍ଭିକା ସାହୁ, ପ୍ରସନ୍ନ ବିଶ୍ୱାଳ, ଶୁଭଲକ୍ଷ୍ମୀ ଜେନା, ସାଗର ମଲ୍ଲିକ, ସୁବାସ କୁମାର ଜେନା, ମୋନାଲିସା ମଲ୍ଲିକ ଏବଂ କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ବେହେରା, ରଶ୍ମିତା ସିଂହ, ସବିତା ପାତ୍ର ପ୍ରମୁଖଙ୍କୁ କେତେଗୁଡ଼ିଏ ଉନ୍ନୟନ କାମ ପାଇଁ ପେମେଣ୍ଟ କରାଯାଇଛି ବୋଲି ସୂଚନା ଅଧିକାର ଆଇନ ମାଧ୍ୟମରେ ମିଳିଥିବା ତଥ୍ୟ ଅନୁଯାୟୀ ସେ ଅଭିଯୋଗରେ ଦର୍ଶାଇଛନ୍ତି। ପୂର୍ବରୁ ଥିବା ମାହାଙ୍ଗା ବ୍ଲକର ଭାରପ୍ରାପ୍ତ ବିଡିଓ ଶୁଭାଶିଷ ପାଲଟାଙ୍କ ସମୟରେ ଏହି ଆର୍ଥିକ ଅନିୟମିତତା ହୋଇଆସୁଥିଲା ବୋଲି ଅଭିଯୋଗରୁ ଜଣାପଡ଼ିଛି। କଟକ ଜିଲାପାଳଙ୍କୁ ଦେଇଥିବା ଅଭିଯୋଗର ଏକକିତା ନକଲ ରାଜ୍ୟ ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର କମିଶନର ତଥା ସଚିବ, ଅର୍ଥ ବିଭାଗ ସଚିବ, ପଞ୍ଚାୟତିରାଜ ନିର୍ଦ୍ଦେଶକ, ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ନିର୍ଦ୍ଦେଶକ ପ୍ରମୁଖଙ୍କ ନିକଟକୁ ପଠାଇଛନ୍ତି। ଅଭିଯୋଗର ବିଧିବଦ୍ଧ ତଦନ୍ତ ପୂର୍ବକ ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ସମ୍ପର୍କରେ ମାହାଙ୍ଗା ବିଡିଓ ତିଳୋତ୍ତମା ପୃଷ୍ଟିଙ୍କ ମତାମତ ନେବା ପାଇଁ ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଉଠାଇ ନ ଥିଲେ।

## ଆର୍‌ଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ପଞ୍ଚାୟତରୁ ଜଳ ନମୁନା ସଂଗ୍ରହ



କଦଳୀବାଡ଼ି ଗାଁରୁ ଜଳ ନମୁନା ସଂଗ୍ରହ କରାଯାଉଛି।

### କଦଳୀବାଡ଼ି ସେବାଶ୍ରମ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଜଣ୍ଡିସ ବ୍ୟାପିବା ଘଟଣା

ବାଙ୍କୀ, ୨୬।୩ ( ଶୁଭେନ୍ଦୁ ମହାପାତ୍ର) ବାଙ୍କୀ ବ୍ଲକ ଅନ୍ତର୍ଗତ କଦଳୀବାଡି ସେବାଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଜଣ୍ଡିସରେ ପୀଡିତ ହେବା ଘଟଣାରେ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି। ଦୂଷିତ ପାନୀୟ ଜଳ ବ୍ୟବହାର କରି ଜଣ୍ଡିସ ରୋଗ ବ୍ୟାପୁଥିବା ଲୋକେ ଅଭିଯୋଗ କରିଥିଲେ। ବାଙ୍କୀ ଆର୍‌ଡବ୍ଲୁଏସ୍‌ଏସ୍ ପକ୍ଷରୁ ଯନ୍ତ୍ରୀ ସୌମ୍ୟରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ଗୁରୁବାର ଜଳ ନମୁନା ସଂଗ୍ରହକାରୀ ସୁଶାନ୍ତ କୁମାର ସାହୁ, ଆଲୋକ କୁମାର ସାହୁ, ମାନସ ଖଟୁଆ, ନିରଞ୍ଜନ ରାଉତରାୟ ପ୍ରମୁଖ କଦଳୀବାଡି ପଞ୍ଚାୟତରେ ଥିବା ବିଭିନ୍ନ କୂଅ, ଖୋଲା ନଳକୂଅ ଏବଂ ବସୁଧା ଯୋଜନାରେ ଦିଆଯାଉଥିବା ପାଣିର ନମୁନା ସଂଗ୍ରହ କରିବା ସହିତ ବ୍ଲିଚିଂ ପକାଇ ବିଶୋଧିତ କରିଛନ୍ତି। ଅନ୍ୟପକ୍ଷେ ଜଣ୍ଡିସ ରୋଗ ବ୍ୟାପୁଥିବା ନେଇ ବିଦ୍ୟାଳୟକୁ ଅଧିକାଂଶ ଛାତ୍ରୀଛାତ୍ର ଆସୁ ନ ଥିବା ଜଣାପଡ଼ିଛି। ସ୍ଥାନୀୟ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଓ ମେଡିକାଲ ଟିମ୍‌ର ତଦନ୍ତ ଜାରି ରହିଛି। ଜଣ୍ଡିସ୍‌ରେ ଆକ୍ରାନ୍ତ ଥିବା ଛାତ୍ରୀଛାତ୍ରମାନେ ସୁସ୍ଥ ଥିବାବେଳେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅମରେଶ ସାହୁ କହିଛନ୍ତି।

## ଭାରତୀୟ ହସ୍ତତନ୍ତ ବ୍ରାଣ୍ଡ ଶୀର୍ଷକ ବୁଣାକାର ସଚେତନତା

ତିଗିରିଆ,୨୬।୩ (ଜାଫର ଖାଁ): ତିଗିରିଆ ବ୍ଲକ ଅନ୍ତର୍ଗତ ହସ୍ତତନ୍ତ ଗ୍ରାମ ନୂଆପାଟଣାର ନଂ. ୧ ବୁଣାକାର ତନ୍ତୁବାୟ ସହଯୋଗ ସମିତି ପରିସରରେ ଗୁରୁବାର ଭାରତୀୟ ହସ୍ତତନ୍ତ ବ୍ରାଣ୍ଡ (ମାନକ) ଶୀର୍ଷକ ବୁଣାକାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମୁଖ୍ୟଅତିଥି ଭାବେ ନୂଆପାଟଣା ବରିଷ୍ଠ ବାନ୍ଧ କାରିଗର ତଥା ପଦ୍ମଶ୍ରୀ ପାଇଁ ମନୋନିତ ହୋଇଥିବା ଶରତ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜାତୀୟ ପୁରସ୍କାର ପ୍ରାପ୍ତ ବାନ୍ଧ ଓ ରଙ୍ଗ କାରିଗର ଅର୍ଜୁନ ପାଳ, ଭାରତୀୟ ହସ୍ତତନ୍ତ ବ୍ରାଣ୍ଡ (ମାନକ) ଉପରେ ବୁଣାକାରଙ୍କୁ ସଚେତନ କରାଇଥିଲେ। ଭୁବନେଶ୍ୱର ବୁଣାକାର ସେବା କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଟି. ରାମଲିଙ୍ଗମ, ଭାରତୀୟ ହସ୍ତତନ୍ତ ବିଭାଗ ଭୁବନେଶ୍ୱରର ପ୍ରଦୀପ କୁମାର ଦାଶ ଭିଡିଓ ମାଧ୍ୟମରେ ହସ୍ତତନ୍ତ ଦ୍ରବ୍ୟର ମାନ ଉପରେ ବୁଣାକାରଙ୍କୁ ସଚେତନ କରାଇଥିଲେ। ନୂଆପାଟଣା ନଂ. ୧ ସମିତିର ସଭାପତି କେଶବ ଚନ୍ଦ୍ର ପାତ୍ରଙ୍କ ସମେତ ଅଞ୍ଚଳର ଶତାଧିକ ବୁଣାକାର ଯୋଗଦେଇଥିଲେ। ଆଠଗଡ଼ ସହକାରୀ ସମବାୟ ନିବନ୍ଧକ ଅବିନାଶ ସେଠୀ ଧନ୍ୟବାଦ ଦେଇଥିଲେ।

## ୩୦ରୁ ଆଠଗଡ଼ରେ ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନ୍‌ଶିପ୍

### ଭାଗନେବେ ୩୦ ରାଜ୍ୟରୁ ୯୦୦ ଖେଳାଳି

ଆଠଗଡ଼,୨୬।୩ (ସତ୍ୟ ପ୍ରସାଦ ରଥ) ଆସନ୍ତା ୩୦ରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ କଟକ ଜିଲା ଆଠଗଡ଼ ମହୋତ୍ସବ ପଡ଼ିଆଠାରେ ଖୋ ଖୋ ଜାତୀୟ ଜୁନିୟର ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ୨ଟି ବର୍ଗ ଯଥା ବାଳକ, ବାଳିକା ବର୍ଗରୁ ୩୦ ରାଜ୍ୟରୁ ପ୍ରାୟ ୯୦୦ରୁ ଊର୍ଦ୍ଧ୍ୱ ଖେଳାଳି ପ୍ରତିଯୋଗିତାରେ ଭାଗନେବେ। ସେମାନଙ୍କ ସହଯୋଗୀ ଓ କୋଚ୍ ମିଶି ପ୍ରାୟ ୪୦୦ ଜଣ ଆସିବାର କାର୍ଯ୍ୟକ୍ରମ ରହିଛି। ୩୦ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ରଥଗଡ଼ା ଛକରୁ ଏକ ମଶାଲ ଶୋଭାଯାତ୍ରା ବାହାରି ମହୋତ୍ସବ ପଡ଼ିଆରେ ସ୍ଥାପନ କରାଯିବ। ପ୍ରବଳ ଗ୍ରୀଷ୍ମପ୍ରବାହ ଆଶଙ୍କାରେ ଦିବାରାତ୍ର ଖେଳ ଅନୁଷ୍ଠିତ ହେବ ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଓଡ଼ିଶା ଖୋ ଖୋ ଆସୋସିଏଶନ୍ ତଥା ଆଠଗଡ଼ ଖୋ ଖୋ ଆସୋସିଏଶନ୍ ସଭାପତି ଲକ୍ଷ୍ମୀ ନାରାୟଣ ଭଞ୍ଜ ଏ ସମ୍ପର୍କରେ ପ୍ରକାଶ କରିଛନ୍ତି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ଖୋ ଖୋ ଆସୋସିଏଶନ୍ ଉପସଭାପତି ମନୋରଞ୍ଜନ ଦାସ, ସମ୍ପାଦକ ବିକ୍ରମ ରାୟ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଖୋ ଖୋ ଆସୋସିଏସନର କର୍ମକର୍ତ୍ତା।

## ବୈଦ୍ୟେଶ୍ୱରପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ବାଙ୍କୀ,୨୬।୩ (ଶୁଭେନ୍ଦୁ ମହାପାତ୍ର ): ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦ୍ୟେଶ୍ୱରପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଚିତ୍ରାନନ୍ଦ ଖଟୁଆଙ୍କ ସଭାପତିତ୍ୱରେ ବୈଦ୍ୟେଶ୍ୱର ସରପଞ୍ଚ ସୁରଞ୍ଜନ ପଣ୍ଡା ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ସାହୁ, ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ମନୋରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ରଶ୍ମିତା ସାହୁ, ପ୍ରଧାନ ଶିକ୍ଷକ ଉମାକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କୃତୀ ବିଭିନ୍ନ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବାବୁ



@ ଦୀପକ



@ ରାଜେଶ



@ ବାପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଏସ୍‌ଆଇଆର୍ ସମ୍ପର୍କିତ କର୍ମଶାଳା

ବଡମ୍ବା, ୨୬।୩ (ମାୟାଧର ମଲ୍ଲିକ): ବଡ଼ମ୍ବା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବୁଥସ୍ତରୀୟ ଅଧିକାରୀ ଓ ପର୍ଯ୍ୟବେକ୍ଷକଙ୍କ ଏସ୍‌ଆଇଆର୍ ସମ୍ପର୍କିତ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ତଥା ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଇଆର୍‌ଓ) ଚିତ୍ତରଞ୍ଜନ ଦାସ, ତହସିଲଦାର ତଥା ଏଇଆର୍‌ଓ ପ୍ରମୋଦ କୁମାର ବାସ୍କେଙ୍କ ମାର୍ଗଦର୍ଶନରେ ବ୍ଲକର ୧୩୬ ବୁଥ୍‌ସ୍ତରୀୟ ଅଧିକାରୀ ଓ ୧୩ ପର୍ଯ୍ୟବେକ୍ଷକଙ୍କୁ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏପ୍ରିଲ ପ୍ରଥମ ସପ୍ତାହରୁ ଆରମ୍ଭ ହେବ। ଏହି ସଂଶୋଧନ କାର୍ଯ୍ୟକ୍ରମରେ ନିଜ ଅଞ୍ଚଳରେ ଥିବା ଭୋଟରଙ୍କ ନାମ ରହିବା ସହ ରାଜ୍ୟ ବାହାରୁ ଆସିଥିବା ଭୋଟରଙ୍କଙ୍କ ନାମ କିପରି ବାଦ ହେବ ଓ ଏକ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ହେବ ତାହା ଉପରେ ସୂଚନା ପ୍ରଦାନ କରାଯାଇଥିଲା। ଏଥିରେ ବ୍ଲକ ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସଞ୍ଜୟ କୁମାର ସାହୁ, ତହସିଲର ବରିଷ୍ଠ ରାଜସ୍ୱ ସହାୟକ ଶଙ୍କର ବାସ୍କେ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବୁଥସ୍ତରୀୟ ପର୍ଯ୍ୟବେକ୍ଷକ ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ




ମାହାଙ୍ଗା,୨୬।୩ (ଅଜୟ କୁମାର ମହାନ୍ତି) ମାହାଙ୍ଗା ବ୍ଲକ ଜବାହରଲାଲ ନେହେରୁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ବିଜୟଲକ୍ଷ୍ମୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମହିଳାମାନଙ୍କର ସାମାଜିକ, ଅର୍ଥନୈତିକ ଓ ସାମ୍ବିଧାନିକ ଅଧିକାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ଚିତ୍ତରଞ୍ଜନ ଦାସ ମୁଖ୍ୟ ଅତିଥି, ଅଧ୍ୟାପିକା ଜ୍ୟୋତିର୍ମୟୀ ମହାନ୍ତି ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ରବି ନାରାୟଣ ବାରିକ ଏବଂ ସମ୍ମାନିତ ବକ୍ତା ଭାବେ ପ୍ରାଧ୍ୟାପକ ଡ. ନିଖିଳେଶ ମହାନ୍ତି ଓ ଅଧ୍ୟାପକ ଆଶିଷ କୁମାର ବରାଳ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। କେବଳ ସାମ୍ବିଧାନିକ ଅଧିକାର ମିଳିଗଲେ ହେବ ନାହିଁ, ବରଂ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ମହିଳାମାନଙ୍କ ସକ୍ରିୟ ଯୋଗଦାନ ହିଁ ନୂତନ ପିଢ଼ିକୁ ଏକ ଉନ୍ନତ ସମାଜ ଗଠନ କରିବାରେ ସହାୟକ ହେବ। ଅଧ୍ୟାପକ ରୁଦ୍ର ନାରାୟଣ ଦାଶ ଅତିଥି ପରିଚୟ, ଅଧ୍ୟାପକ ବିଶ୍ୱନାଥ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ସମସ୍ତ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ସ୍ୱେଚ୍ଛାସେବୀ ଜୟ ପ୍ରକାଶ ଜେନା ଧନ୍ୟବାଦ ଦେଇଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ: କୁସୁପଙ୍ଗୀ ଟିମ୍ ଚାମ୍ପିୟନ




ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳି।

ବାଙ୍କୀ, ୨୬।୩( ଶୁଭେନ୍ଦୁ ମହାପାତ୍ର): କଟକ ଜିଲାର ଡମପଡ଼ା ବ୍ଲକ ଅନ୍ତର୍ଗତ ନରଗାଙ୍ଗ ପଞ୍ଚାୟତରେ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ତ୍ରିନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଖପାଖ ପଡୋଶୀ ଗ୍ରାମର ୮ଟି ଦଳ ଭାଗ ନେଇଥିଲେ। ଫାଇନାଲରେ କୁସୁପଙ୍ଗୀ କ୍ରିକେଟ ଟିମ୍ ସହ ବ୍ରହ୍ମପୁରା କ୍ରିକେଟ ଟିମ୍‌ର ମ୍ୟାଚ ହୋଇଥିଲା। ମ୍ୟାଚରେ ୧୬ ଓଭରରେ କୁସୁପଙ୍ଗୀ କ୍ରିକେଟ ଟିମ୍ ୯ ଉଇକେଟ ବିନିମୟରେ ୧୦୮ ରନ କରିଥିଲା। ଜବାବରେ ବ୍ରହ୍ମପୁରା କ୍ରିକେଟ ଟିମ୍ ସମସ୍ତ ଉଇକେଟ ହରାଇ ୯୪ରନ କରି କୁସୁପଙ୍ଗୀଠାରୁ ପରାସ୍ତ ହୋଇଥିଲା। କୁସୁପଙ୍ଗୀ ଟିମ୍ ଚାମ୍ପିୟନ ହୋଇଥିଲା। ଖେଳକୁ ଅମ୍ପାୟାର ଭାବେ ପ୍ରଶାନ୍ତ କୁମାର ଜେନା ଓ ପପୁ ଜେନାଙ୍କ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସଂଯୋଜକ ଅଶୋକ କୁମାର ରାଉତ ଓ ସହସଂଯୋଜକ ମୁକେଶ କୁମାର ଜେନା ପରିଚାଳନା କରୁଥିବାବେଳେ କ୍ଲବର ସଭାପତି ଅଭିଜିତ ନାୟକ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଆଲୋକବ୍ରତ ନାୟକ ସମ୍ପାଦକୀୟ ପାଠ କରିଥିଲା ବେଳେ ତ୍ରିଦେବ ତ୍ରିନାଥ କ୍ରିକେଟ କ୍ଲବର ଉପ ସଭାପତି ପ୍ରଦ୍ୟୁମ୍ନ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ତୁଷାର କାନ୍ତ ଚକ୍ରବର୍ତ୍ତୀ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ପରିବେଶବିତ୍ ପ୍ରକୃତି ବନ୍ଧୁ ଆଦର୍ଶ ଶିକ୍ଷକ ବଳରାମ ପାଇକରାୟ, ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ତଥା ଡମପଡା ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜ କୁମାର ମତଗଜସିଂହ, ନରଗାଙ୍ଗର ପୂର୍ବତନ ସରପଞ୍ଚ ଗଣେଶ୍ୱର ଜେନା ଯୋଗଦେଇଥିଲେ। କଟକ ଡ୍ୟାନସ୍ ଗ୍ରୁପର ରିନା ଓ ଜଲି ଆକର୍ଷଣୀୟ ନୃତ୍ୟ ପରିବେଷଣ କରି ଖେଳାଳି ଓ ଦର୍ଶକମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଖପାଖ ଅଞ୍ଚଳର ବହୁ ଦର୍ଶକ ଉପଭୋଗ କରିଥିଲେ। ମୁଖ୍ୟ ଅତିଥି ଚାମ୍ପିୟନ କୁସୁପଙ୍ଗୀ କ୍ରିକେଟ ଟିମ ଓ ରନଅପ ବ୍ରହ୍ମପୁରା କ୍ରିକେଟ ଟିମର ଅଧିନାୟକଙ୍କୁ ଟ୍ରଫି ପ୍ରଦାନ କରିଥିଲେ। କୁସୁପଙ୍ଗୀ କ୍ରିକେଟ ଟିମ୍‌ର ବିଭୁନା ନାୟକଙ୍କୁ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ତ୍ରିଦେବ ତ୍ରିନାଥ କ୍ଲବର ଅଧିନାୟକ ଟି. ସୁମନ ଧନ୍ୟବାଦ ଦେଇଥିଲେ।







# ବଡ଼ଦାଣ୍ଡ ସାହିରେ ଅଟକିଲା ରଥ

## ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

■୧ଘଣ୍ଟା ୧୫ ମିନିଟ୍ ବିଳମ୍ବରେ ଗଡ଼ିଲା ରଥ

■ଝଡ଼ବର୍ଷା ଯୋଗୁ ଘଣ୍ଟାଏ ରଥଟଣା ବନ୍ଦ ରହିଲା

ପୁରୁଣା ଭୁବନେଶ୍ୱର,୨୬।୩(ସୁବାସ ଚନ୍ଦ୍ର ପ୍ରଧାନ)

ଅଶୋକାଷ୍ଟମୀ ଅବସରରେ ଗୁରୁବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଆରମ୍ଭ ହୋଇଛି। ଅପରାହ୍ନ ୨ଟା୩୦ରେ ରଥ ଟଣାଯିବା ପାଇଁ ନୀତିନିର୍ଘଣ୍ଟ ହୋଇଥିବା ବେଳେ ୧ଘଣ୍ଟା ୧୫ ମିନିଟ୍ ବିଳମ୍ବରେ ଅର୍ଥାତ୍ ୩ଟା ୪୫ରେ ରଥଟଣା ଆରମ୍ଭ ହୋଇଥିଲା। ରଥ ସାରଥି ରଥ ଟାଣିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ରଥଟଣା ଆରମ୍ଭ ହେବା ମାତ୍ରେ ରଥ ଦଉଡି ଛିଣ୍ଡିଯାଇଥିଲା। ପରେ ନୂଆ ଦଉଡି ମନ୍ଦିର ପ୍ରଶାସନ ପକ୍ଷରୁ ଲଗାଯାଇଥିଲା। ଅପରାହ୍ନ ୪ଟା ୧୦ରେ ପୁନଃ ରଥଟଣା ହୋଇଥିଲା।

ପ୍ରାତଃରୁ ଦୈନିକ ନୀତି ହେବା ପରେ ଶ୍ରୀଜୀଉଙ୍କ ସକାଳ ଧୂପ ସକାଳ ୭ଟା ୪୫ରେ ସମାପନ ହୋଇଥିଲା। ଭୁବନେଶ୍ୱରୀଙ୍କ ବଲ୍ଲଭ, ଭୋଗ ମଣ୍ଡପ ସରିବା ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ ପୂଜା ପରେ ଯାତ୍ରାପୂଜା ଏବଂ ଯାତ୍ରା ପୂଜା ବେଶ ହୋଇଥିଲା। ଏହା ପରେ ବଡୁ ସେବକ ମଣୋହି କରିବା ପରେ ମହାସୁଆର ସେବକ ଦକ୍ଷିଣ ଦ୍ୱାରରୁ ଶ୍ରୀଲିଙ୍ଗରାଜ, ଶ୍ରୀଦୋଳଗୋବିନ୍ଦ ଏବଂ ମା ରୁକ୍ମିଣୀ ଠାକୁରାଣୀଙ୍କୁ ସଙ୍ଗରେ ଧରି ଆଡ଼କାଠ ନିକଟକୁ ଆସିଥିଲେ। ପରେ ପୂଜାପଣ୍ଡା ସେବକ ଆଜ୍ଞା ପ୍ରସାଦ ଦେଇସରିବା ପରେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ ହୋଇଥିଲା। ଏହା ପରେ ବେଢ଼ା ପରିକ୍ରମା, ୨୨ପାହାଚ ନିକଟରେ ଥିବା ସିଦ୍ଧ ଗଣେଶଙ୍କ ନିକଟରେ ନଡ଼ିଆ ବାଡ଼ାଯାଇଥିଲା। ଘଣ୍ଟ, ଘଣ୍ଟା, କାହାଳୀ, ବାଜା ପଟୁଆରରେ ରଥକୁ ଠାକୁରମାନେ ବିଜେ କରିଥିଲେ। ରଥ ତଳେ ଏବଂ ଉପରେ ଠାକୁରମାନେ ପରିକ୍ରମା କରି ସିଂହାସନରେ ଆସୀନ ହୋଇଥିଲେ। ସିଂହାସନରେ ଡୋରି ଲାଗି ୧୧ଟି ପୂଜା କରାଯାଇଥିଲା। ସୂର୍ଯ୍ୟଚନ୍ଦ୍ର, ଚାରିଦ୍ୱାର, ବ୍ରହ୍ମା କପିକେତନ, ନେତଅଶ୍ୱ ପାଇଁ ମହାସୁଆର ସେବାୟତଙ୍କ ପାଇଁ ଆଜ୍ଞାମାଳ ଦେଇଥିଲେ ପୂଜାପଣ୍ଡା ସେବାୟତ। ଉକ୍ତ ମାଳକୁ ଅଶ୍ୱଙ୍କ ବେକରେ ପକାଯାଇଥିଲା। ଏହା ପରେ ରଥ କାଳେସୀ ଓ ପୂଜାପଣ୍ଡା ଆଜ୍ଞା ପ୍ରସାଦ ଦେଇଥିଲେ। ଶ୍ରୀଲିଙ୍ଗରାଜଙ୍କ ଆଜ୍ଞା ପାଇ ରଥର ଡାହୁକ କାର୍ଯ୍ୟ କରିଥିଲେ। ଶ୍ରଦ୍ଧାଳୁଙ୍କ ସହ ରାଜନେତାମାନେ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ପୋଲିସ ପ୍ରଶାସନ ସହ ହଜାର ହଜାର ଶ୍ରଦ୍ଧାଳୁ ରଥ ଟାଣିବା ସହ ଜୟ ଲିଙ୍ଗରାଜ ଧ୍ୱନିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ତେବେ ରଥ ବଢ଼େଇବାଙ୍କ ଛକ ନିକଟରେ ପହଞ୍ଚିଥିବା ବେଳେ ଅପରାହ୍ନ ୪ଟା ୫୦ରେ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଫଳରେ ଶ୍ରଦ୍ଧାଳୁ ରଥଦାଣ୍ଡରୁ ଛତ୍ରଭଙ୍ଗ ଦେଇଥିଲେ। ୫ଟା ୪୮ ପର୍ଯ୍ୟନ୍ତ ବର୍ଷା ହୋଇଥିବାରୁ ରଥଟଣା ବନ୍ଦ ରହିଥିଲା। ପରେ ରଥଟଣା ପୁନଃ ଆରମ୍ଭ ହୋଇ ୧୦୦ମିଟର ଗଡ଼ିବା ପରେ ସନ୍ଧ୍ୟା ହୋଇଯାଇଥିବାରୁ ୬ଟା ୭ମିନିଟ୍‌ରେ ବଡ଼ଦାଣ୍ଡ ସାହି ମଝିରେ ରଥ ଅଟକି ରହିଥିଲା।



ଶ୍ରୀଲିଙ୍ଗରାଜ, ଶ୍ରୀଦୋଳଗୋବିନ୍ଦ ଏବଂ ମା ରୁକ୍ମିଣୀ ଠାକୁରାଣୀଙ୍କୁ ସେବକମାନେ ପହଣ୍ଡି କରି ରଥ ଉପରକୁ ନେଉଛନ୍ତି। (ଫଟୋ– ବିକାଶ ନାୟକ)



### ରଥ ମାଡ଼ିଯାଇ ଦୋକାନ ଭାଙ୍ଗିଲା

ବଡୁସାହି ନିକଟରେ ରଥ ପହଞ୍ଚିଥିବା ବେଳେ ହଠାତ୍ ଡାହାଣ ପାର୍ଶ୍ୱକୁ ମାଡ଼ିଯାଇଥିଲା। ରଥଦାଣ୍ଡକୁ ମଡ଼ାଇ ଦୋକାନ କରିଥିବା ଜଣେ ବ୍ୟକ୍ତିଙ୍କ ଦୋକାନକୁ ରଥ ମାଡ଼ିଯିବାରୁ ଦୋକାନଟି ଭାଙ୍ଗିଯାଇଥିଲା। ଜବରଦଖଲ ପାଇଁ ରଥଦାଣ୍ଡ ବେଳକୁ ବେଳ ସଙ୍କୁଚିତ ହେଉଥିବାରୁ ଏଭଳି ଅଘଟଣ ବାରମ୍ବାର ଘଟୁଥିଲେ ମଧ୍ୟ ମନ୍ଦିର ପ୍ରଶାସନ ଏବଂ ବିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯାଉ ନାହିଁ।

### ଗ୍ଲୁକୋଜ ଷ୍ଟଲ୍‌ରେ ଭିଡ଼

ଏକ ସାମାଜିକ ଅନୁଷ୍ଠାନ ପକ୍ଷରୁ ଲଗାଯାଇଥିବା ଷ୍ଟଲ୍‌ରେ ଗ୍ଲୁକୋଜ ମାଗଣାରେ ବଣ୍ଟା ଯାଉଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ରଥଟଣା ହେବାଠାରୁ ରଥଟଣା ବନ୍ଦ ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ଲାଗିରହିଥିବା ଦେଖିବାକୁ ମିଳିଥିଲା। ତେବେ ସେଠାରେ ଏକ୍ସପାଏରି ଗ୍ଲୁକୋଜ ଶ୍ରଦ୍ଧାଳୁଙ୍କୁ ଦିଆଯାଇଥିବା ଅଭିଯୋଗ ଉଠିଥିଲା।

### ରଥ ଖରଡ଼ାରେ ଭକ୍ତ ଆହତ

ଝଡ଼ବର୍ଷା ଲାଗି ରହିଥିବା ସମୟରେ ହଠାତ୍ ଜଣେ ଭକ୍ତ ଶ୍ରେୟଂଶ ସାହୁ ରଥ ତଳକୁ ପଶିଯାଇଥିଲେ। ଖରଡ଼ା ବାଜି ତାଙ୍କ ଗୋଡ଼ ଆଙ୍ଗୁଠି ଫାଟିଯାଇଥିଲା। ପ୍ରବଳ ରକ୍ତସ୍ରାବ ହେବାରୁ ଆମ୍ବୁଲାନ୍ସରେ ତାଙ୍କୁ ଚିକିତ୍ସା ପାଇଁ ବିଏମ୍‌ସି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ଆପାର୍ଟମେଣ୍ଟ ଲିଫ୍ଟରେ ନିଆଁ
### ଦୁଇ ମହିଳା ସୁରକ୍ଷିତ ଉଦ୍ଧାର

ଭୁବନେଶ୍ୱର,୨୬।୩(ତ୍ରିନାଥ ମହାନ୍ତି): ରାଜଧାନୀରେ ପୁଣି ଅଗ୍ନିକାଣ୍ଡ ଘଟିଛି। ଚନ୍ଦ୍ରଶେଖରପୁର ଶ୍ରୀବିହାରସ୍ଥିତ ବାଦ୍‌ଶାହ ଆପାର୍ଟମେଣ୍ଟ ଲିଫ୍ଟରେ ଅଗ୍ନିକାଣ୍ଡ ଘଟିଛି। ଶର୍ଟସର୍କିଟରୁ ଲିଫ୍ଟରେ ନିଆଁ ଲାଗି ଚାହୁଁ ଚାହୁଁ ଆପାର୍ଟମେଣ୍ଟ ପରିସର ଧୂଆଁମୟ ହୋଇଯାଇଥିଲା। ଧୂଆଁ ଯୋଗୁ ଲିଫ୍ଟ ଭିତରେ ୨ମହିଳା ଫସି ରହିଥିଲେ। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଲିଫ୍ଟ ଭିତରୁ ଦୁଇଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ଏଥିରେ କାହାର ଜୀବନ ଯାଇ ନ ଥିବାବେଳେ କୌଣସି ସମ୍ପତ୍ତି ନଷ୍ଟ ହୋଇ ନ ଥିବା ଜଣାପଡ଼ିଛି। ରାଜଧାନୀରେ ଏକାଧିକ ଆପାର୍ଟମେଣ୍ଟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ଜଣାପଡ଼ିଛି। ତେଣୁ ସମସ୍ତ ଆପାର୍ଟମେଣ୍ଟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବାକୁ ଅଗ୍ନିଶମ ବିଭାଗ ସହରବାସୀଙ୍କୁ କହିଛି।

## ଏନ୍‌ଏଚ୍‌ଆର୍‌ସି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କ ଏମ୍‌ସ ପରିଦର୍ଶନ

ଭୁବନେଶ୍ୱର, ୨୬।୩(ବନ୍ଦନା ସେଠୀ): ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ମାନବାଧିକାର ଶିକ୍ଷା ଏବଂ ଲିଙ୍ଗ ସମାନତାର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ପ୍ରଫେସର କହ୍ନେୟା ତ୍ରିପାଠୀ ବୁଧବାର ଏମ୍‌ସ ଭୁବନେଶ୍ୱର ପରିଦର୍ଶନ କରିଥିଲେ। ପ୍ରଫେସର ତ୍ରିପାଠୀ ମାନବାଧିକାର ଶିକ୍ଷା, ରୋଗୀ ସେବାରେ ସମାନତା ଏବଂ ଲିଙ୍ଗ-ସମ୍ବେଦନଶୀଳ ସ୍ୱାସ୍ଥ୍ୟସେବା ଅଭ୍ୟାସ କ୍ଷେତ୍ରରେ ଏମ୍‌ସ ଭୁବନେଶ୍ୱର ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପର ସମୀକ୍ଷା କରିଥିଲେ। ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନ, ନିୟମିତ ଚିକିତ୍ସା ଅଭ୍ୟାସରେ ମାନବାଧିକାର ନୀତିଗୁଡ଼ିକର ଉତ୍ତମ ଅନୁପାଳନ ନିମନ୍ତେ ସେ ଏମ୍‌ସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଏମ୍‌ସ ଭୁବନେଶ୍ୱରରେ ଏକ ଉତ୍ସର୍ଗୀକୃତ ମାନବାଧିକାର ପ୍ରକୋଷ୍ଠ ସ୍ଥାପନ ନେଇ ତାଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ରୋଗୀ ସେବା ପ୍ରଦାନରେ ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ସହିତ ଏପରି ମାନବାଧିକାର ପ୍ରକୋଷ୍ଠ ସ୍ଥାପନ ନେଇ ଏମ୍‌ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡା. ଆଶୁତୋଷ ବିଶ୍ୱାସ ସମର୍ଥନ ପ୍ରକାଶ କରିଥିଲେ। ଡିନ୍ ଡା. ପି. ଆର୍. ମହାପାତ୍ର, ଡିଡିଏ ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଞ୍ଜନ ସିଂହ ଉପସ୍ଥିତ ଥିଲେ।

# ଲିଙ୍ଗରାଜ ମହୋତ୍ସବ ଉଦ୍‌ଘାଟିତ



ଲିଙ୍ଗରାଜ ମହୋତ୍ସବର ଉଦ୍‌ଘାଟନ ଅବସରରେ ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟ ଅତିଥି।

ପୁରୁଣା ଭୁବନେଶ୍ୱର,୨୬।୩(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅବସରରେ ଗୁରୁବାର ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଭଜନ ମଣ୍ଡପରେ ଲିଙ୍ଗରାଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ସମୀର ମହାନ୍ତି, ଶିବାନନ୍ଦ ରାୟ, ରାଜେନ୍ଦ୍ର ସାମର୍ଥା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସଭାପତି ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ସନତ୍ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ପ୍ରଥମେ ଓଡ଼ିଶୀ ବନ୍ଦନା ପରିବେଷଣ ହୋଇଥିଲା। ପରେ ପୁରୀର ନାଚଘର ପକ୍ଷରୁ ମାହାରୀ ନୃତ୍ୟ ନୃତ୍ୟ, ବଲାଙ୍ଗୀର କୋଶଳ ଫ୍ଲେକ ଡ୍ୟାନ୍ସ ଏକାଡେମୀ ଲୋକନୃତ୍ୟ, କଟକ ସିଙ୍ଗମ ଦ୍ୱାରା କ୍ରିଏଟିଭ ନୃତ୍ୟ ଆକର୍ଷଣୀୟ ହୋଇଥିଲା। ବାସୁଦେବ ନାଥ ସଂଯୋଜନା କରିଥିଲେ। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ମହାନ୍ତି, କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ସାମ୍ବାଦିକ ବିଶ୍ୱନାଥ ମହାପାତ୍ର, ଲିଙ୍ଗରାଜ ସାହୁ, ନାରାୟଣ ମହାପାତ୍ର, ହେମାଦ୍ରୀ ମହାପାତ୍ର, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ଗଣେଶ ପାଲ ପ୍ରମୁଖ ପରିଚାଳନା କରିଥିଲେ।

## ଝାରପଡ଼ା ଜେଲରେ ବୃଦ୍ଧଙ୍କୁ ମାଡ଼ ମାରିବା ଅଭିଯୋଗ
# କ୍ଷତିପୂରଣ ପାଇଁ ଓଏଚ୍‌ଆର୍‌ସିରେ ମାମଲା

ଭୁବନେଶ୍ୱର,୨୬।୩(ତ୍ରିନାଥ ମହାନ୍ତି)

ଏକ ଠକେଇ ମାମଲାରେ ମଞ୍ଚେଶ୍ୱର ଥାନା ପୋଲିସ ଦ୍ୱାରା ଗିରଫ ହୋଇ ଝାରପଡ଼ା ଜେଲରେ ଥିବା ବୃଦ୍ଧ ବିଶ୍ୱଜିତ ମହାନ୍ତିଙ୍କୁ ମାଡ଼ ମରାଯାଇଥିବା ନେଇ ଓଏଚ୍‌ଆର୍‌ସିରେ ଅଭିଯୋଗ ହୋଇଛି। ତାଙ୍କୁ ମାଡ଼ ମରାଯିବା ସମୟରେ ସେ ପଡ଼ିଯିବାରୁ ତାଙ୍କର ଅଣ୍ଟା ଭାଙ୍ଗି ଯାଇଛି। ସେ ବର୍ତ୍ତମାନ ଏମ୍‌ସରେ ଚିକିତ୍ସିତ ହେଉଛନ୍ତି। ତୁରନ୍ତ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କ ବଦଳି ସହ କ୍ଷତିପୂରଣ ବାବଦକୁ ୧୦ଲକ୍ଷ ଟଙ୍କା ଦେବାକୁ ଓଏଚ୍‌ଆରସିଙ୍କ ନିକଟରେ ମାନବାଧିକାର କର୍ମୀ ସୁନୀଲ ରଥ ଅଭିଯୋଗ କରିଛନ୍ତି।

# ବରିଷ୍ଠ ଆଇପିଏସ୍‌ଙ୍କୁ ତାଗିଦ କଲେ ଡିଜିପି

### ଓଡ଼ିଶା ପୋଲିସର କାର୍ଯ୍ୟକ୍ରମରେ ଯୋଗ ଦେଉ ନ ଥିବା ଅଭିଯୋଗ

ଭୁବନେଶ୍ୱର,୨୬।୩(ତ୍ରିନାଥ ମହାନ୍ତି)

ଟୁଇନ ସିଟିରେ କାର୍ଯ୍ୟରତ କେତେଜଣ ବରିଷ୍ଠ ଆଇପିଏସ୍ ଅଧିକାରୀ ଓଡ଼ିଶା ପୋଲିସ ଦ୍ୱାରା ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଉନାହାନ୍ତି। ସରକାରୀ କାର୍ଯ୍ୟକ୍ରମରେ ବରିଷ୍ଠ ଆଇପିଏସ ଅଧିକାରୀମାନଙ୍କ ଅନୁପସ୍ଥିତିକୁ ନେଇ ପୋଲିସ ମହାନିର୍ଦ୍ଦେଶକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଣିକି ବିନା ଅନୁମତିରେ କୌଣସି ଅଧିକାରୀ କାର୍ଯ୍ୟକ୍ରମରୁ ବାଦ୍ ପଡ଼ିପାରିବେ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ କଟକ ଓ ଭୁବନେଶ୍ୱରରେ ଅବସ୍ଥାପିତ ପ୍ରାୟ ୩୬ ଜଣ ବରିଷ୍ଠ ଅଧିକାରୀଙ୍କୁ ସତର୍କ କରାଯାଇଛି। ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି ଯେ, କୌଣସି ଅଧିକାରୀ ଯଦି ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ଯୋଗୁ ଅନୁପସ୍ଥିତ ରହିବାକୁ ଚାହାନ୍ତି। ତେବେ ସେଥିପାଇଁ ସେମାନଙ୍କୁ ପୋଲିସ ମହାନିର୍ଦ୍ଦେଶକଙ୍କଠାରୁ ଆଗୁଆ ଅନୁମତି ନେବାକୁ ପଡ଼ିବ। ଏହି ନିର୍ଦ୍ଦେଶନାମାକୁ ଯଦି କେହି ଅବମାନନା କରନ୍ତି, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଡିଜିପି କହିଛନ୍ତି। ଟୁଇନ୍ ସିଟିରେ ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମରେ ଆଇପିଏସ୍ ନ ଆସି ନିଜ ବ୍ୟକ୍ତିଗତ କାମରେ ବ୍ୟସ୍ତ ରହୁଥିବା ଅଭିଯୋଗ ଆସିବା ପରେ ଡିଜିପି ଏଭଳି କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିବା ଜଣାପଡ଼ିଛି।

# ୨୭ରୁ ଯଶୁଆପୁର ମହୋତ୍ସବ

ବାଲକାଟୀ,୨୬।୩(ମନୋଜ ମଣ୍ଡଳ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇବ୍ରହ୍ମପୁର ପଞ୍ଚାୟତର ଯଶୁଆପୁର ଗ୍ରାମରେ ଆସନ୍ତା ୨୭ତାରିଖରୁ ଦୁଇ ଦିନ ଧରି ନବମ ଯଶୁଆପୁର ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ଗୁରୁବାର ଯଶୁଆପୁର ବିକାଶ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଏହି ଉତ୍ସବ ସମ୍ପର୍କରେ ସୂଚନା ଦିଆଯାଇଛି। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। କଣ୍ଠଶିଳ୍ପୀ ଜୟଶ୍ରୀ ଧଳ ଟିମ୍ ସହ ସଙ୍ଗୀତ ପରିବେଷଣ କରିବେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପୋଷ୍ଟର ଏବଂ ସ୍ୱେଚ୍ଛାସେବୀଙ୍କ ପାଇଁ ଜର୍ସି ଉନ୍ମୋଚନ ହୋଇଥିଲା। ଏହି ସମ୍ମିଳନୀରେ ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ, ନାରାୟଣ ବେହେରା, ଜୟକୃଷ୍ଣ ମହାପାତ୍ର, ଦୁର୍ଯ୍ୟୋଧନ ପ୍ରଧାନ, ଦୀନବନ୍ଧୁ ଭୋଇ ପ୍ରମୁଖ ଯୋଗଦେଇଥିଲେ।

## ରାଜ୍ୟପାଳଙ୍କୁ ଭେଟି ସିବିଆଇ ତଦନ୍ତ ଦାବିକଲେ ମା’

### ମଝି ସମୁଦ୍ରରୁ ମର୍ଚ୍ଚାଣ୍ଟ ନେଭି ସାର୍ଥକ ନିଖୋଜ ଘଟଣା

ଭୁବନେଶ୍ୱର,୨୬।୩(ତ୍ରିନାଥ ମହାନ୍ତି)

ମଝି ସମୁଦ୍ରରୁ ମର୍ଚ୍ଚାଣ୍ଟ ନେଭି ସାର୍ଥକ ମହାପାତ୍ର ନିଖୋଜ ଘଟଣାରେ ରାଜ୍ୟପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ମା’ ରଶ୍ମିତା ସାହୁ ମହାପାତ୍ର। ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ କାନ୍ଦି କାନ୍ଦି ପୁଅକୁ ଖୋଜି ଆଣିବାକୁ ନିବେଦନ କରିବା ସହ ସିବିଆଇ ତଦନ୍ତ ଦାବି କରିଛନ୍ତି। ତେବେ ରାଜ୍ୟପାଳ ଆଶ୍ୱାସନା ଦେବା ସହ ଦାବି ସମ୍ପର୍କରେ ସେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିବା ରଶ୍ମିତା କହିଛନ୍ତି।

ଗତ ଫେବୃଆରୀରେ ୨୨ ବର୍ଷୀୟ ସାର୍ଥକ ସିଙ୍ଗାପୁର ଯାଉଥିବା ବେଳେ ଜାହାଜରୁ ନିଖୋଜ ହୋଇଯାଇଥିଲେ। ଖବର ପାଇ ମା’ ରଶ୍ମିତା ତଦନ୍ତ ପାଇଁ ସିଙ୍ଗାପୁର ଯାଇଥିଲେ ମଧ୍ୟ କମ୍ପାନୀ ପକ୍ଷରୁ ବିଶେଷ ସହାୟତା ମିଳି ନ ଥିଲା। ଘଟଣାକୁ ଦୁଇ ମାସ ବିତିଥିବାବେଳେ ସାର୍ଥକଙ୍କ କୌଣସି ସନ୍ଧାନ ମିଳିନାହିଁ। ସିସିଟିଭି ଭିଡିଓ ଓ ଫୋନ୍ ଟ୍ରେସିଂ ପାଇଁ ନିବେଦନ କରାଯାଉଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ତେଣୁ ପୁଅ ନିଖୋଜ ପଛରେ ସତ ପଦାକୁ ନ ଆସିବା ପର୍ଯ୍ୟନ୍ତ ସେ ଲଢ଼େଇ ଜାରି ରଖିବେ ବୋଲି ରଶ୍ମିତା କହିଛନ୍ତି।

# ଶୁକ୍ରୁ ସମେତ ଗ୍ୟାଙ୍ଗର ୩ଜଣ ଗିରଫ

### ୫୦ ମୋବାଇଲ, ୩ ସୁନା ଚେନ୍ ଜବତ

ଭୁବନେଶ୍ୱର,୨୬।୩(ତ୍ରିନାଥ ମହାନ୍ତି): ଲୁଟେରା ଶୁକ୍ରୁ ଗ୍ୟାଙ୍ଗର ୩ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଗ୍ୟାଙ୍ଗ୍ ମୁଖ୍ୟ ଗଞ୍ଜାମର ଶୁକ୍ରୁ ପାତ୍ର, ବିଞ୍ଝାରପୁରର ସୁମନ୍ ମଲ୍ଲିକ ଏବଂ ଆଇଗିଣିଆର ବିକାଶ ଦାସ। ସେମାନଙ୍କ ନିକଟରୁ ୫୦ ମୋବାଇଲ୍ ଫୋନ୍, ୩ଟି ସୁନାଚେନ୍ ଏବଂ ଚୋରି ବାଇକ୍‌କୁ ଜବତ କରାଯାଇଛି। ଶୁକ୍ରୁ ଭୁବନେଶ୍ୱର ଆସି ଏକ ଗ୍ୟାଙ୍ଗ୍ ଗଢିଥିଲେ। ସେମାନେ ବାଇକ୍ ଚୋରି କରି ନେବା ପରେ ଏହାକୁ ଲୁଟ୍ ଓ ଡକାଏତିରେ ବ୍ୟବହାର କରୁଥିଲେ। ବାଇକ୍‌ରେ ସହରର ଜନଗହଳି ସ୍ଥାନରେ ବୁଲି ଲୋକଙ୍କ ହାତରୁ ମୋବାଇଲ୍ ଫୋନ୍ ଏବଂ ସୁନାଚେନ୍ ଲୁଟ୍ କରୁଥିଲେ। ଆଉ ଲୁଟ୍ ମୋବାଇଲ୍‌କୁ ନୟାପଲ୍ଲୀରେ ଥିବା ଏକ ମୋବାଇଲ୍ ଦୋକାନକୁ ୩ରୁ ୫ ହଜାର ଟଙ୍କାରେ ବିକ୍ରି କରୁଥିଲେ। ଗତ ୧୬ ତାରିଖ ସକାଳେ ଗୀତାଞ୍ଜଳୀ ସାହୁ ଘର ନିକଟରେ ଚାଲିଚାଲି ଯାଉଥିବା ବେଳେ ଅଭିଯୁକ୍ତ ତାଙ୍କ ବେକରୁ ମଙ୍ଗଳସୂତ୍ର ଲୁଟି ନେଇଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ସିସିଟିଭି ଫୁଟେଜରୁ ଶୁକ୍ରୁ ଗ୍ୟାଙ୍ଗକୁ ଚିହ୍ନଟ କରିବା ପରେ ୩ଜଣଙ୍କୁ ଗିରଫ କରାଯାଇଛି। ଶୁକ୍ରୁଙ୍କ ନାମରେ ୧୦ରୁ ଅଧିକ ମାମଲା ରହିଥିବା ଜଣାପଡିଛି।

# ଶାନ୍ତିର ବାର୍ତ୍ତା ପ୍ରଚାର ସମ୍ରାଟ୍ ଅଶୋକଙ୍କୁ ମହାନ୍ କରିଦେଇଛି

### ୨୩୩୦ତମ ଜୟନ୍ତୀରେ ଶାନ୍ତି ଶୋଭାଯାତ୍ରା

ଭୁବନେଶ୍ୱର,୨୬।୩(ସୁଚିସ୍ମିତା ସାହୁ)

ଭୁବନେଶ୍ୱରର ଆମ୍ବେଡକର ବିଚାରକ ଏବଂ ଓଡ଼ିଶାର ସମସ୍ତ ବୌଦ୍ଧ ସଙ୍ଘର ମିଳିତ ସହଯୋଗରେ ସମ୍ରାଟ୍ ଅଶୋକଙ୍କ ୨୩୩୦ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଶାନ୍ତସ୍ତୂପ ଧଉଳିଠାରୁ ଏକ ଶାନ୍ତି ଶୋଭାଯାତ୍ରା ବାହାରି ୟୁନିଟ୍-୯ସ୍ଥିତ ବୁଦ୍ଧ ମନ୍ଦିରରେ ପହଞ୍ଚିଥିଲା। ପରେ ସେଠାରେ ଜୟନ୍ତୀ ଉତ୍ସବ ଓ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବନ୍ତେ



ଜୟ ମଙ୍ଗଳ, ଏମ୍‌ବିଏସ୍ ପବ୍ଲିକ ସ୍କୁଲର ସେକ୍ରେଟାରୀ ସୌରେନ୍ଦ୍ର ମହାପାତ୍ର, ପୂର୍ବତନ ଏମ୍‌ପି ଭଜମନ ବେହେରା ପ୍ରମୁଖ ଯୋଗଦେଇଥିଲେ। ସମ୍ରାଟ୍ ଅଶୋକ କେବଳ ଜଣେ ରାଜା ନ ଥିଲେ, ସେ ଜଣେ ମହାନ୍ ମାନବବାଦୀ ଥିଲେ। ହିଂସାରୁ ଅହିଂସା ଆଡ଼କୁ ଯାତ୍ରା ଅର୍ଥାତ୍ ବୌଦ୍ଧଧର୍ମ ଓ ଶାନ୍ତିର ବାର୍ତ୍ତା ପ୍ରଚାର ତାଙ୍କୁ ଇତିହାସରେ ମହାନ୍ ଅଶୋକ ଭାବେ ଅମର କରିଦେଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉତ୍ସବକୁ ଲୋକନାଥ ସାମଲ, ସୁବ୍ରତ ସାମଲ, ଫାଲ୍ଗୁନୀ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

# ଘଣ୍ଟାଏ ବିଳମ୍ବରେ ଗଡ଼ିଲା ବିଜୟା ରଥ

## ଶ୍ରୀକପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା





**ନିରାକାରପୁର,୨୬।୩ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଅଶୋକାଷ୍ଟମୀ ଅବସରରେ ଗୁରୁବାର ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେଡିଆସ୍ଥିତ କପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥର ନିର୍ଦ୍ଧାରିତ ସମୟଠାରୁ ଘଣ୍ଟାଏ ବିଳମ୍ବ ଅର୍ଥାତ୍ ସନ୍ଧ୍ୟା ୬ଟାରେ ରଥଟଣା ଆରମ୍ଭ ହୋଇଥିଲା। ଫଳରେ ସନ୍ଧ୍ୟା ପ୍ରାୟ ୭ଟାରେ ପଣାକିଆରୀରେ ରଥ ପହଞ୍ଚିଥିଲା। ଶୁକ୍ରବାର ସନ୍ଧ୍ୟାରେ ଠାକୁରମାନେ ଗୁଣ୍ଡିଚା ଘରକୁ ବିଜେ କରିବେ। ସେଠାରେ ତିନିଦିନ ରହଣି ପରେ ଅର୍ଥାତ୍ ଦ୍ୱାଦଶୀ ତିଥି ମଧ୍ୟରାତ୍ରରେ ବାହୁଡ଼ାଯାତ୍ରା ଅନୁଷ୍ଠିତ ହେବ।

ପ୍ରତ୍ୟୁଷରୁ ମନ୍ଦିର ଖୋଲାଯାଇ ଶ୍ରୀଜୀଉଙ୍କୁ ସୁଶୀତଳ ଜଳରେ ସ୍ନାନମାଜଣା କରାଯାଇଥିଲା। ମଙ୍ଗଳ ଆଳତି ପରେ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିଥିଲେ। ଅନ୍ୟପଟେ ଭୋରୁ ନିଃସନ୍ତାନ ବ୍ରତଧାରୀ ମହିଳାମାନେ ଠାକୁରଙ୍କ ପହିଲି ଗରାଜଳରେ ମହାସ୍ନାନ କରିଥିଲେ। ତେବେ ଶୁଖିଲି ଭୋଗ ଓ ମଧ୍ୟାହ୍ନ ଧୂପ ପରେ ଶ୍ରୀଜୀଉଙ୍କୁ ମଣ୍ଡପକୁ ବିଜେ କରାଯାଇଥିଲା। ନିମନ୍ତ୍ରଣ ରକ୍ଷାକରି ପଡ଼ୋଶୀ ଆରେଡ଼ି ଗ୍ରାମର କପିଳେଶ୍ୱର ଦେବଙ୍କ ବଡ଼ଭାଇ ଗ୍ରାମେଶ୍ୱର ଦେବ ଏବଂ ମାତା ପାର୍ବତୀଙ୍କୁ କ୍ରିୟାନୁଷ୍ଠାନ ପକ୍ଷରୁ ଏକ ଶୋଭାଯାତ୍ରାରେ ଅଣାଯାଇ ଆଡ଼ପ ମଣ୍ଡରେ ଉପବେଶନ କରାଯାଇଥିଲା। ସେଠାରେ ଠାକୁରମାନଙ୍କୁ ସାମୂହିକ ଭୋଗଲାଗି କରାଯିବା ପରେ ମନ୍ଦିର ବେଢ଼ା ପରିକ୍ରମା କରାଯାଇ ଏକ ବିରାଟ ପଟୁଆରରେ ନିଆଯାଇ ରଥାରୂଢ଼ କରାଯାଇଥିଲା। ହରିବୋଲ, ହୁଳହୁଳି, ନାମ ସଂକୀର୍ତ୍ତନ, ଘଣ୍ଟ, ତୂରୀ, ମୃଦଙ୍ଗ ଶବ୍ଦରେ ପୀଠ ଉତ୍ସବମୁଖର ହୋଇଉଠିଥିଲା। ଶ୍ରୀଜୀଉମାନେ ରଥରେ ଆସୀନ ହେବା ପରେ ଶ୍ରଦ୍ଧାଳୁମାନେ ରଥ ଟାଣିଥିଲେ। ରଥଟି ପଣାକିଆରୀରେ ପହଞ୍ଚିବା ପରେ ବେଦବାଡ଼ିରେ ଶ୍ରୀଜୀଉଙ୍କୁ ବିଶ୍ରାମ ଦିଆଯାଇ ପଣାଭୋଗ ସମର୍ପଣ କରାଯାଇଥିଲା। ପରମ୍ପରା ଅନୁସାରେ ଶ୍ରୀଜୀଉମାନେ ଉକ୍ତ ପଣା କିଆରୀଠାରେ ବିଶ୍ରାମ ନେବେ। ଶୁକ୍ରବାର ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିରକୁ ବିଜେ କରିବେ ବୋଲି ମନ୍ଦିର ପରିଚାଳନା କମିଟି ସଭାପତି କିଶୋର କୁମାର ଦାଶ, ସଦସ୍ୟ ମାନସ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଟାଙ୍ଗୀ ତହସିଲଦାର ନିଷ୍ଠା ମହାପାତ୍ର, ଅତିରିକ୍ତ ତହସିଲଦାର ସନାତନ ମଲ୍ଲିକ, ଡିଆ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କ ନିର୍ଦ୍ଦେଶରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ଦଣ୍ଡଯାତ୍ରା ପାଇଁ ଗାଁ ଉତ୍ସବମୁଖର

**ଟାଙ୍ଗୀ,୨୬।୩(ରଘୁନାଥ ସାହୁ)**



ଟାଙ୍ଗୀ ଏନ୍‌ଏସି ଅଞ୍ଚଳରେ ଥିବା ପଶ୍ଚିମାଭିମୁଖୀ ଶୈବପୀଠ ଲୋକନାଥ ଦେବଙ୍କ ବଡ଼କୋଠି ଏବଂ ବାଲୁଙ୍କେଶ୍ୱର ଦେବଙ୍କ ସାନକୋଠିରେ ଦଣ୍ଡଯାତ୍ରା ଅନୁଷ୍ଠିତ ହେଉଛି। ଚଳିତବର୍ଷ ଉଭୟ କୋଠି ୨୧ଦିନିଆ ପାଣି ତୋଳା ପାଇଁ ଭଗତାମାନେ ନିଷ୍ପତ୍ତି ନେଇଛନ୍ତି। ପାଟ ଭଗତା, ଦେଉଳକରଣ, ପରିଚ୍ଛା, ଭଣ୍ଡାର ରକ୍ଷକ, ପାଟ ଦଣ୍ଡୁଆ, ମେରୁ ପାତ୍ର, ଅଗ୍ନି ପାତ୍ର, ଡଗରା, ଭୋଗ ଭେଣ୍ଡିଆ ସମେତ ୧୨ଜଣ ବିଭିନ୍ନ ପଦାଧିକାରୀ ଭଗତା ନିଷ୍ଠାର ସହ କୋଠିରେ ରହି ଠାକୁରଙ୍କ ସେବା କରିଥାନ୍ତି। ନିଶାର୍ଦ୍ଧରେ ଠାକୁରଙ୍କୁ କୋଠି ଭଗତାମାନଙ୍କ ଦ୍ୱାରା ଆବାହନ କରାଯାଇଥାଏ। ପ୍ରଥମ ଦିବସରେ ଦଣ୍ଡନୃତ୍ୟ ଠାକୁରଙ୍କ କୋଠିଘର ସମ୍ମୁଖରେ କରାଯାଇଥାଏ। ଅନ୍ୟରାତି ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ଦଣ୍ଡନୃତ୍ୟ ହୋଇଥାଏ। ପ୍ରତିଦିନ ଅପରାହ୍ଣରେ ଠାକୁରଙ୍କୁ ସ୍ନାନ କରାଇ ଭଗତାମାନେ ହକ ଡାକି କୋଠିଘରକୁ ଆସିବା ବେଳେ ମାନସିକଧାରୀମାନେ ଠାକୁରଙ୍କ ଆଗରେ ଗୁହାରିଆ ପଡ଼ିବାର ପରମ୍ପରା ରହିଛି। ବାଦ୍ୟ ଓ ଘଣ୍ଟର ତାଳେତାଳେ ଠାକୁରଙ୍କୁ ଜଳାଶୟଠାରୁ କୋଠିଘର ପର୍ଯ୍ୟନ୍ତ ଦୁଇଜଣ ଦଣ୍ଡଧାରୀ ଖେଳିଖେଳି ନେଇଥାନ୍ତି। ଏହି ସମୟରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ମାନସିକ ରଖିଥିବା ବ୍ୟକ୍ତି ନିଜ ଘର ଆଗରେ ଠାକୁରଙ୍କୁ ରଖି ଦଣ୍ଡ ବନ୍ଦାଣ କରିଥାନ୍ତି। ରାତିରେ ପୂର୍ବରୁ ବିଭିନ୍ନ ସୁଆଙ୍ଗ ସହିତ ପରଭା, ହାଡ଼ି ହାଡ଼ିଆଣୀ, ଚଢ଼େୟା ଚଢ଼େୟାଣୀ, ଶିବ ପାର୍ବତୀ, ଧୋବା ଧୋବଣୀ, ଯୋଗୀ ଯୋଗିଆଣୀ, ଦୁଇ ସଉତୁଣୀ ଭଳି ବିଭିନ୍ନ ସମ୍ପ୍ରଦାୟର ତଥା ଜନଜାତିର ଚାଲିଚଳଣକୁ ଆଧାରକରି ଏକୋଇଶ ହଳ ପଟନୃତ୍ୟ ସଙ୍ଗୀତ ପରିବେଷଣ ହେଉଥିଲା। ଏବେ ଏହି ପାରମ୍ପରିକ ନୃତ୍ୟ ଦେଖିବାକୁ ମିଳୁନାହିଁ। ଯୁବ ଗୋଷ୍ଠୀ ବିଭିନ୍ନ ସାମାଜିକ ନାଟକ ପରିବେଷଣ କରୁଛନ୍ତ। ପଣା ସଂକ୍ରାନ୍ତି ପୂର୍ବଦିନ ମେରୁଯାତ୍ରା ହୋଇଥାଏ। ଉଭୟ କୋଠିଘରଠାରେ ବିଛା ଯାଇଥିବା ବେତକଣ୍ଟାରେ ଠାକୁର ଗଡ଼ିବା ପରେ ଭଗତାମାନେ ଏହି କଣ୍ଟାରେ ଗଡ଼ିଥାନ୍ତି। ଏହି ଦୃଶ୍ୟ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ।

# ଭାଗବତ ବାସୁଦେବ ମେଳଣ ଆରମ୍ଭ

**ଜଟଣୀ,୨୬।୩(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୧୫ ଜଟଣୀ ଗାଁ ହାଟବଜାରରେ ଗୁରୁବାର ଜମାଣ ରାତିରୁ ଆରମ୍ଭ ହୋଇଛି ଭାଗବତ ବାସୁଦେବଙ୍କ ମେଳଣ ଉତ୍ସବ। ଏହି ଅବସରରେ ମେଳଣ କମିଟି ଏବଂ ଜଟଣୀ ଗାଁ ହାଟବଜାର ଗୋପୀନାଥପୁର ଗ୍ରାମବାସୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଜମାଣ ଉତ୍ସବରେ ସମସ୍ତ ନୀତିକାନ୍ତି ପରେ ମଧ୍ୟରାତ୍ରରେ ଥାନପତି ଭାଗବତ ବାସୁଦେବଙ୍କ ସହିତ ଅନ୍ୟ ଠାକୁରମାନେ ବିମାନରେ ମେଳଣ ପଡ଼ିଆକୁ ଆସିଥିଲେ। ମେଳଣ ପଡ଼ିଆ ଘଣ୍ଟଘଣ୍ଟା, ହରିବୋଲ, ହୁଳହୁଳି ଏବଂ ମନ୍ତ୍ରରେ ପ୍ରକମ୍ପିତ ହୋଇଉଠିଥିଲା। ଭାଗବତ ବାସୁଦେବ ଘଣ୍ଟଘଣ୍ଟା, ଭେରି, ତୂରୀ ଆଲଟଚାମର, ପାରମ୍ପରିକ ନୃତ୍ୟ ବାଜାରେ ମେଳଣ ପଡ଼ିଆକୁ ଆସି ନିଜ ଆସ୍ଥାନରେ ଖୁଣ୍ଟିଲାଗି ହୋଇଥିଲେ। ପରେ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ଠାକୁର ସୁସଜ୍ଜିତ ବିମାନରେ ଆସି ଖୁଣ୍ଟିଲାଗି ହୋଇଥିଲେ। ମେଳଣ କମିଟିର ସଦସ୍ୟ ଏବଂ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ ପୌର ପ୍ରଶାସନ ପକ୍ଷରୁ ମେଳଣ ପଡ଼ିଆରେ ପରିମଳ ବ୍ୟବସ୍ଥା କରାଯାଇଥିଲା।

# ଶନି ମନ୍ଦିର ନିକଟରେ ସମ୍ପ୍ ନିର୍ମାଣକୁ ବିରୋଧ

**ଖୋର୍ଦ୍ଧା,୨୬।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ ପୁରୁସାହିସ୍ଥିତ ଶନି ମନ୍ଦିର ନିକଟରେ ସମ୍ପ୍ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏହାର ପ୍ରତିବାଦରେ ଏକାଧିକ ଗ୍ରାମବାସୀ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଗତ ୫ବର୍ଷ ପୂର୍ବରୁ ପୁରୁସାହି ପଞ୍ଚାୟତ ଦ୍ୱାରା ଶନିଦେବଙ୍କ ମନ୍ଦିରଠାରୁ ଅବରୋଧ ପାଣିକୁ ନିଷ୍କାସନ ନିମନ୍ତେ ୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପୁରୁସାହି ଗ୍ରାମର କେତେଜଣ ବ୍ୟକ୍ତି ଏବଂ ସରକାରୀ ଜମି ଅବରୋଧ କରି ରଖିଥିବା ବ୍ୟକ୍ତିବିଶେଷଙ୍କ ଦ୍ୱାରା ଏହାକୁ ବିରୋଧ କରାଯାଇ ବନ୍ଦ କରାଯାଇଥିଲା। ବର୍ତ୍ତମାନ ଉକ୍ତ କାର୍ଯ୍ୟ କରିବା ପାଇଁ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଛି। ଗ୍ରାମ୍ୟ କମିଟି ପକ୍ଷରୁ ଉକ୍ତ କାର୍ଯ୍ୟ କରିବା ନିମନ୍ତେ ବେସରକାରୀ ଭାବେ ଏକ ଅମିନ ଆଣି ପ୍ଲଟ ନଂ.୩୫୪, ଏରିଆ- ଏ୦.୩୪୦ ଡେସିମିଲକୁ ମାପ କରି ଚିହ୍ନଟ କରାଯାଇଛି। ସେହି ଜାଗାରେ ସରକାରଙ୍କ ଅନୁଦାନରେ ଏକ କୋଠାଘର ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ସେହି ସ୍ଥାନରେ ଆବର୍ଜନା ପାଣିକୁ ଏକ ସମ୍ପ୍ ନିର୍ମାଣ କରାଯାଇ ଗଚ୍ଛିତ ରଖାଯିବ। ତେବେ ସେହି ସ୍ଥାନରେ ସମ୍ପ୍ ନିର୍ମାଣ ହେଲେ ସେହି ପ୍ଲଟ ତିନି ପାର୍ଶ୍ୱରେ ରହୁଥିବା ଜନସାଧାରଣ ଦୁର୍ଗନ୍ଧ ଓ ରୋଗଗ୍ରସ୍ତ ହେବା ସହିତ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେବେ। ଗ୍ରାମରେ ଥିବା ବହୁ ପୁରାତନ ଜଳାଶୟ, କପିଳେଶ୍ୱର ଦେବଙ୍କ ପୋଖରୀ ଏବଂ ମନ୍ଦିର ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ଗ୍ରାମର ଏହି ମଇଳା ପାଣି ନିଷ୍କାସନ ନିମନ୍ତେ ଶନିଦେବଙ୍କ ମନ୍ଦିରଠାରୁ ପଶ୍ଚିମ ପାର୍ଶ୍ୱରେ ଯାଇଥିବା ଦୁଇଟି ସରକାରୀ ପ୍ଲଟ, ମୌଜା- କପିଳେଶ୍ୱରପୁର, ପ୍ଲଟ ନଂ.୪୩୧, ଏ.୫୧୫ ଡିସିମିଲ, ପ୍ଲଟ ନଂ. ୪୩୦, ଏରିଆ-୦.୨୦୦ ଡିସିମିଲ ଜମି ରହିଛି। ସେହି ପ୍ଲଟର ଦକ୍ଷିଣ ପାର୍ଶ୍ୱରେ ଚାଷଜମି ରହିଛି। ଏହି ଚାଷଜମିକୁ ଜଳସେଚନର ସୁବିଧା ନ ଥିବାରୁ ଚାଷୀମାନେ ଚାଷ କରିବା ପାଇଁ ବହୁତ ହଇରାଣ ହେଉଛନ୍ତି। ସେଠାରେ ସମ୍ପ୍ ନିର୍ମାଣ କରାଗଲେ ବଳକା ପାଣି ଚାଷଜମିରେ ମାଡ଼ିବା ସହିତ ଚାଷ କାର୍ଯ୍ୟ ମଧ୍ୟ ହୋଇପାରିବ। ଏହି ଜନବିରୋଧୀ ନିଷ୍ପତ୍ତି ପରିବର୍ତ୍ତନ କରାଯିବା ସହ ଗ୍ରାମବାସୀଙ୍କ ଉପସ୍ଥିତିରେ ପ୍ରଶାସନ ଦ୍ୱାରା ତଦନ୍ତ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।



ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।





ଜଟଣୀ କୁଦିଆରୀସ୍ଥିତ ମା'ଜାଗୁଳାଇଙ୍କ ସିଦ୍ଧିଦାତ୍ରୀ ଏବଂ ନିରାକାରପୁର ରାମେଶ୍ୱର ପଞ୍ଚାୟତସ୍ଥିତ ମା'ବନଦୁର୍ଗାଙ୍କ ମହାଗୌରୀ ବେଶ। (ଫଟୋ: ରବୀନ୍ଦ୍ରନାଥ ମହାକୁଡ଼ / ମାନସ ଚନ୍ଦ୍ର ପଟ୍ଟନାୟକ)

# ଶ୍ରୀରାମ ନବମୀ ପାଇଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ଖୋର୍ଦ୍ଧା,୨୬।୩(ପ୍ରଭାତ ପାଣିଗ୍ରାହୀ)**



ରାମନବମୀ ମହୋତ୍ସବ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ସଦର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ବରିଷ୍ଠ ପ୍ରଶାସନିକ ଓ ପୋଲିସ ଅଧିକାରୀମାନେ ବିଭିନ୍ନ କମିଟିର ସଦସ୍ୟଙ୍କ ସହ ଉତ୍ସବର ପରିଚାଳନା ନେଇ ଆଲୋଚନା କରିଥିଲେ। ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଖୋର୍ଦ୍ଧା ଜିଲା ପକ୍ଷରୁ ବାହାରିଥିବା ଶ୍ରୀରାମ ରଥ ଖୋର୍ଦ୍ଧାରେ ପହଞ୍ଚିବା ପରେ ଶୁକ୍ରବାର ସକାଳ ୯ଟାରେ ମୁକୁନ୍ଦପ୍ରସାଦ ମେଳଣ ପଡ଼ିଆରୁ ନାମ ସଂକୀର୍ତ୍ତନ ସହ ନଗର ପରିକ୍ରମା କରି ଜରିପୁଟ ହନୁମାନ ମନ୍ଦିରରେ ଶେଷ ହେବ। ସେହିଭଳି ଶ୍ରୀରାମ ନବମୀ ସମନ୍ୱୟ ସମିତି ପକ୍ଷରୁ ଉକ୍ତ ସ୍ଥାନରୁ ଶୋଭାଯାତ୍ରା ଆୟୋଜନ ରହିଛି। ଜନସାଧାରଣଙ୍କ ସୁରକ୍ଷା ପାଇଁ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ, ବାଣ ଫୁଟାଇବା ଓ ଉତ୍ତେଜନାମୂଳକ ସ୍ଲୋଗାନରୁ ବିରତ ରହିବାକୁ ଅନୁରୋଧ କରାଯାଇଛି। କୌଣସି ବିପଜ୍ଜନକ ଖେଳ ପ୍ରଦର୍ଶନ କରିବେ ନାହିଁ। ଡିଜେ ବ୍ୟବହାର କରାଯିବ ନାହିଁ ଏବଂ ଶବ୍ଦ ସୀମା ୬୫ ଡେସିବଲ ମଧ୍ୟରେ ରହିବ। ଶୋଭାଯାତ୍ରା ସମୟରେ ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବାକୁ ପ୍ରଶାସନ ପକ୍ଷରୁ ସମସ୍ତଙ୍କ ସହଯୋଗ ଲୋଡ଼ା ଯାଇଛି। ଶ୍ରୀରାମ ନବମୀ ଶୋଭାଯାତ୍ରା ଶାନ୍ତିଶୃଙ୍ଖଳା ସହ ଆୟୋଜନ ପାଇଁ ଜିଲା ପୋଲିସ ପକ୍ଷରୁ ସହରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ମୁକୁନ୍ଦପ୍ରସାଦ ମେଳଣ ପଡ଼ିଆଠାରୁ ଆରମ୍ଭ ହୋଇ ପଲ୍ଲା ତାରିଣୀ ମନ୍ଦିରଠାରେ ଫ୍ଲାଗମାର୍ଚ୍ଚ ଶେଷ ହୋଇଥିଲା। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ଚରଣ ସେଠୀ, ଏସ୍‌ଡିପିଓ ନୀହାର ପ୍ରଧାନ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ଶିଳ୍ପାଞ୍ଚଳ ଥାନା ଅଧିକାରୀ ଉମେଶ ସାହୁ, ଏସ୍‌ଆଇ ସ୍ୱାଗତିକା ଦାସ, ଦିନେଶ ପିଙ୍ଗୁଆ, ସସ୍ମିତା ବେହେରା, ଏଏସ୍‌ଆଇ ସୁଶାନ୍ତ ମଲିକଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ଅଫିସର ଏବଂ ୩ ପ୍ଲାଟୁନ ଫୋର୍ସ ସାମିଲ ହୋଇଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ସହରର ସମ୍ବେଦନଶୀଳ ସ୍ଥାନରେ ଫୋର୍ସ ମୁତୟନ କରାଯାଇଛି।

# ମା'ଭଗବତୀଙ୍କ ପୀଠରେ ଅଶୋକାଷ୍ଟମୀ ଚଇତିପର୍ବ

**ବାଣପୁର,୨୬।୩(ଦିଲୀପ କୁମାର ସ୍ୱାଇଁ)**



ଅଶୋକାଷ୍ଟମୀ ଅବସରରେ ମାଳିଗୋବିନ୍ଦପୁରର ଆରାଧ୍ୟ ଗଡିଶ୍ୱର ଦେବଙ୍କ ପୀଠକୁ ଥାଟ ପଟୁଆର ବାଜା ରୋଷଣୀରେ ନିଯୋଗୀ ସେବାୟତଙ୍କୁ ସାଥୀରେ ନେଇ ଯାତ୍ରା କରିଛନ୍ତି ମା'ଭଗବତୀ। ବର୍ଷର ବିଭିନ୍ନ ଋତୁରେ ବିଭିନ୍ନ ଦିଗର ଶକ୍ତିପୀଠକୁ ଯାତ୍ରା କରି ସେଠାରେ ମାତୃ ଶକ୍ତିମାନଙ୍କ ସହିତ ଏକତ୍ର ପୂଜା ପାଇବା ସହିତ ଆଗାମୀ ଶାରଦୀୟ ପର୍ବକୁ ନିମନ୍ତ୍ରଣ କରିବାର ପରମ୍ପରା ଏହି ପୀଠର ଏକ ନିଆରା ପରମ୍ପରା। ବର୍ଷର ଶେଷ ପର୍ବ ବସନ୍ତ ଋତୁର ଏହି ଯାତ୍ରା ଅଶୋକାଯାତ୍ରା ଭାବେ ପରିଚିତ। ବହୁ ବର୍ଷ ପୂର୍ବେ ମା' ଦକ୍ଷିଣ ଦିଗ ରକ୍ଷାକାରିଣୀ ଅନ୍ୟତମ ଭଉଣୀ ମା'ନାରାୟଣୀଙ୍କ ପୀଠକୁ ଯାତ୍ରା କରି ସେଠାରୁ ଆଜ୍ଞାମାଳ ନେଇ ଆସିବାର ପରମ୍ପରାଥିଲା। କାଳକ୍ରମେ ବିଭିନ୍ନ କାରଣରୁ ତାହା ବନ୍ଦ ହୋଇ ବର୍ତ୍ତମାନ ପ୍ରତୀକାତ୍ମକ ଭାବେ ଗଡିଶ୍ୱର ଦେବଙ୍କ ପୀଠରେ ଅନୁଷ୍ଠିତ ହେଉଛି। ଏହିଦିନ ମାଳିଗୋବିନ୍ଦପୁର ଗ୍ରାମବାସୀଙ୍କ ପକ୍ଷରୁ ଗଡିଶ୍ୱର ଦେବଙ୍କ ନିମନ୍ତ୍ରଣକ୍ରମେ ମା'ଭଗବତୀ କାଠି ଠାକୁରାଣି, ଚନ୍ଦ୍ରଶେଖର ଦେବ, ଗୋପୀନାଥ ଦେବଙ୍କ ସହିତ ରଙ୍ଗନାଥ ଦେବଙ୍କୁ ସାଥିରେ ନେଇ ବିରାଟ ପଟୁଆରରେ ଦକ୍ଷିଣ ଦିଗକୁ ଯାତ୍ରା ଆରମ୍ଭ କଲେ ମା'। ବାଟରେ ଶାଳିଆ ନଈ ମଧ୍ୟରେ ପ୍ରବେଶ କରି ପାରିହେବା ପରେ ଗ୍ରାମବାସୀ ସମସ୍ତ ଦେବଦେବୀଙ୍କୁ ପୁଷ୍ପ ଚନ୍ଦନ ଅର୍ଘ୍ୟରେ ବନ୍ଦାପନା କରି ଘଣ୍ଟାଘଣ୍ଟ କାହାଳୀ ହରିବୋଲ ହୁଳହୁଳିରେ ସ୍ୱାଗତ କରିବା ପରେ ଦେବଦେବୀମାନେ ଗ୍ରାମ ପରିକ୍ରମା କରି ମନ୍ଦିର ପିଣ୍ଡି ଉପରେ ଉପବେଶନ କରିଥିଲେ। ପରେ ମା'ଙ୍କୁ ପଣସପତ୍ର ଠୋଲାରେ ଅଶୋକ ଫୁଲ ଏବଂ ପଇଡ଼ରେ ଶୀତଳ ମଣୋହିଁ କରାଯାଇଥିଲା। ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିବା ସହିତ ଅଶୋକାଷ୍ଟମୀରେ ଅଶୋକ ଫୁଲ ପ୍ରସାଦ ପାଇବାକୁ ଭିଡ଼ ଜମାଇଥିଲେ। ରାତିରେ ମା'ଙ୍କ ପାଖରେ କାକରା ଓ ପଇଡ଼ ଅର୍ପଣ ପରେ ମା' ରାତ୍ରିର ଶେଷ ପ୍ରହରରେ ପିତ୍ରାଳୟକୁ ଫେରିବେ। ନୀତିକାନ୍ତି ପାଇଁ ସ୍ଥାନୀୟ ଦେବୋତ୍ତର କର୍ଯ୍ୟାଳୟ ପକ୍ଷରୁ ସମସ୍ତ କର୍ମଚାରୀ ଓ ନିଯୋଗୀ ସେବାୟତ ସହଯୋଗ କରିଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ କହିଛନ୍ତି।

# ରେଳଧାରଣାରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ

**ନିରାକାରପୁର,୨୬।୩ (ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ରେଲୱେ ପୋଲିସ ଗୁରୁବାର ରେଳଧାରଣରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୬)ରୁଜୁ ହୋଇଛି। ଖୋର୍ଦ୍ଧା ମେଡିକାଲରେ ବ୍ୟବଚ୍ଛେଦ ପରେ ମୃତଦେହ ଚିହ୍ନଟ ଉଦ୍ଦେଶ୍ୟରେ ଫ୍ରିଜରରେ ରଖାଯାଇଥିବା ନିରାକାରପୁର ରେଲୱେ ଫାଣ୍ଡି ଅଧିକାରୀ ଦିଲୀପ କୁମାର ସାହୁ ସୂଚନା ଦେଇଛନ୍ତି। କୌଣସି ଚଳନ୍ତା ଟ୍ରେନରୁ ଖସି ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଛି।

# କେରଙ୍ଗ ପ୍ରିମିୟର ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟ: ଜାରା ଏକାଦଶ ଚାମ୍ପିୟନ

**ଖୋର୍ଦ୍ଧା,୨୬।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମ୍ମଦିଆ ଫୁଟ୍‌ବଲ ପଡ଼ିଆରେ ତିନିଦିନ ଧରି ଚାଲିଥିବା କେରଙ୍ଗ ପ୍ରିମିୟର ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଜାରା ଏକାଦଶ ଚାମ୍ପିୟନ ହୋଇଛି। କେରଙ୍ଗ ମଜ୍‌ଲିସ ଖୁଦ୍ଦାମୁଲ ଅହମ୍ମଦିଆ ଯୁବ ସଙ୍ଗଠନ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଗୁରୁବାର ଫାଇନାଲ ମ୍ୟାଚ୍ ଜାରା ଏକାଦଶ ଏବଂ ଏଫ୍. କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ପ୍ରଥମାର୍ଦ୍ଧର ୨୮ ମିନିଟରେ ଜାରା ଏକାଦଶର ସନାତନ ମାଝି ପ୍ରଥମ ଗୋଲ ଦେଇଥିଲେ। ସେହିପରି ୪୪ ମିନିଟରେ ଦଳର ମହମ୍ମଦ ରଉଫ ଆଉ ଗୋଟିଏ ଗୋଲ ଦେଇଥିଲେ। ଏଫ୍. କ୍ଲବ ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ସଗିର ଅହମ୍ମଦ ମ୍ୟାଚ୍ ପରିଚାଳନା କରିଥିଲେ। ଲାଇନରେ ସାହାରୁଖ ଖାନ୍, ସେକ୍ ସୁଜାଉଦ୍ଦିନ ସହଯୋଗ କରିଥିଲେ। ଚତୁର୍ଥ ମ୍ୟାଚ କମିଶନର ଭାବେ ଶୁକଦେବ ନାୟକ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥିଭାବେ କେରଙ୍ଗ ଅହମ୍ମଦିଆ ମୁସ୍‌ଲିମ ଜମାତର ସଭାପତି ଓ୍ୱସିମ ଅହମ୍ମଦ, ସମ୍ମାନିତ ଅତିଥିଭାବେ ଜିଲା ଇନ୍‌ଚାର୍ଜ ମୌଲାନା ହଲିମ ଅହମ୍ମଦ ଏବଂ କେରଙ୍ଗ ଯୁବ ସଙ୍ଗଠନର ସଭାପତି ମୋହିଉଦ୍ଦିନ ଖାନ୍ ଯୋଗଦେଇଥିଲେ। ଚାମ୍ପିୟନ ଓ ରନରଅପ୍ ଟିମ୍‌କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ କମିଟିର ସଦସ୍ୟ ସହଯୋଗ କରିଥିଲେ।




ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

# ନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

## ମଲ୍ଲିପଦର 'ଆମ ଗାଁ ମହୋତ୍ସବ'ର ଦ୍ୱିତୀୟ ସନ୍ଧ୍ୟା

**ବେଗୁନିଆ,୨୬।୩ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**




ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିପଦର ଗ୍ରାମସ୍ଥିତ ମହୋତ୍ସବ ପଡ଼ିଆରେ ଚାଲିଥିବା 'ଆମ ଗାଁ ମହୋତ୍ସବ'ର ଗୁରୁବାର ଥିଲା ଦିତୀୟ ସନ୍ଧ୍ୟା। ମୁଖ୍ୟ ଅତିଥିଭାବେ ରାଜ୍ୟ ମହିଳା କଂଗ୍ରେସ ନେତ୍ରୀ ଜୟଶ୍ରୀ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କମିଟି ଉପସଭାପତି କୁଞ୍ଜବିହାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସିମର ସରପଞ୍ଚ ହାତୁବନ୍ଧୁ ମହାପାତ୍ର, ସାରୁଅ ସରପଞ୍ଚ ରଞ୍ଜିତା ମହାଭୋଇ, ବଡ଼ବେରଣା ସରପଞ୍ଚ ଅସିତ ତ୍ରିପାଠୀ, କଣ୍ଟାବାଡ଼ ସମିତି ସଭ୍ୟା ମାମା ନାୟକ, ପୂର୍ବତନ ସମିତି ସଭ୍ୟ ସୁବାସ ଚନ୍ଦ୍ର ମହାନ୍ତି, ଆୟୋଜକ କମିଟି ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ରାଜ୍ୟ ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଇଷ୍ଟର୍ଣ୍ଣ ଜୋନାଲ କଲଚରାଲ ସେଣ୍ଟର କୋଲକାତାର ମିଳିତ ସହଯୋଗରେ ଆୟୋଜିତ ଆମ ଗାଁ ମହୋତ୍ସବ ସମାରୋହର ମଞ୍ଚକୁ ଶ୍ରୀକାନ୍ତ କୁମାର ସଞ୍ଚାଳନ କରିଥିଲେ। ଏହି ଅବସରରେ କାଠମୁଖା ଶିଳ୍ପୀ ଚନ୍ଦ୍ର ଶେଖର ମହାରଣା, ଖବରଦାତା ସୁରେଶ ସାମନ୍ତରାୟ, ଚନ୍ଦନ ସୁନ୍ଦରାୟ, ବିଷ୍ଣୁ ପ୍ରସାଦ କର, ମାନସ ରଞ୍ଜନ ପାଣିଗ୍ରାହୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରକ୍‌ଷ୍ଟାର ମେଲୋଡି ଗ୍ରୁପ ଏବଂ କଣ୍ଠଶିଳ୍ପୀ ରାଜନନ୍ଦିନୀ ପଣ୍ଡାଙ୍କ ସଙ୍ଗୀତର ତାଳେତାଳେ ଦର୍ଶକ ଝୁମିଥିଲେ। ବାପିଙ୍କ କମେଡି ସହ, ଏସ୍‌ଆର ଡ୍ୟାନ୍ସ ଗ୍ରୁପ, ତାଳତୁମ୍ବର ଆମ ସଂସ୍କୃତି ପରମ୍ପରା ସମ୍ପର୍କିତ ନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ସୋନପୁରର ଗଣ୍ଡରାଜ ଡ୍ୟାନ୍ସ ଗ୍ରୁପ, ବରଗଡ଼ର ମୋହିନୀ ଫୋକ ଡ୍ୟାନ୍ସ ଓ ଭୁବନେଶ୍ୱରର ମା' ବିଜୟ ଦେବୀ ସଙ୍ଗୀତ କଳା ପ୍ରତିଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ନୃତ୍ୟ ସଙ୍ଗୀତ ଦର୍ଶକଙ୍କ ମନ ମୋହିଥିଲା।

# ଶ୍ରୀରାମ ଜନ୍ମ ମହୋତ୍ସବ ଉଦ୍‌ଘାଟିତ



ମହୋତ୍ସବ ଉଦ୍‌ଘାଟନ ଅବସରରେ ଯୋଗ ଦେଇଥିବା ଅତିଥିମାନେ ।

**ସାକ୍ଷୀଗୋପାଳ, ୨୬।୩(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)**

ଶ୍ରୀରାମ ଜନ୍ମ ମହୋତ୍ସବ କମିଟି ପକ୍ଷରୁ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଆୟୋଜିତ ୨ଦିନିଆ ଶ୍ରୀରାମ ଜନ୍ମ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ତହସିଲଦାର ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଲିକ ଏବଂ ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡ଼ା ଯୋଗଦେଇଥିଲେ। କମିଟି ସଭାପତି ସତ୍ୟବାଦୀ ଦାସ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବାଳକୃଷ୍ଣ ମହାପାତ୍ର, କୋଷାଧ୍ୟକ୍ଷ ଲୋକନାଥ ବାରିକ, ବିଶ୍ୱନାଥ ମହାପାତ୍ର, ଜିତେନ ମହାପାତ୍ର, ରାମଚନ୍ଦ୍ର ନନ୍ଦ, ରବୀନ୍ଦ୍ରନାଥ ଷଡ଼ଙ୍ଗୀ, ସୁଶାନ୍ତ ରଥ ଓ ଅମିୟ କୁମାର ବରାଳ ଉପସ୍ଥିତ ଥିଲେ। ଆଲୋକ ଖୁଣ୍ଟିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଡ. ତପସ୍ୱିନୀ ଦାଶ ଧନ୍ୟବାଦ ଦେଇଥିଲେ। ଲିଙ୍ଗରାଜ କଳାନିକେତନ ପକ୍ଷରୁ ଓଡ଼ିଶୀନୃତ୍ୟ, ଦଶାବତାର ନୃତ୍ୟ ପରିବେଷଣ କରାଯାଇଥିଲା। ଷ୍ଟାର୍ ଧମାକା ଗ୍ରୁପ୍‌ର କଳାକାରମାନେ ଆଧ୍ୟାତ୍ମିକ ଲୋକନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରାରମ୍ଭରେ ବନ୍ଦନା ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ପରିଷଦ ପକ୍ଷରୁ ଆଧ୍ୟାତ୍ମିକ କବିତା ପାଠୋତ୍ସବ ଅଧ୍ୟକ୍ଷ ସାଧୁ ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବରେ ପ୍ରଫେସର ପ୍ରିୟମ୍ବଦା ଦାଶ, ଶିକ୍ଷାବିତ୍ ସୁନନ୍ଦା ମହାନ୍ତି ଓ ଶିକ୍ଷାବିତ୍ ସତ୍ୟବାଦୀ ଦାସ, ପରିଷଦ ମାର୍ଗଦର୍ଶିକା ବନ୍ଦନା ମହାପାତ୍ର ଏବଂ ଡ. ପ୍ରଭାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବନ୍ଦନା ସାହିତ୍ୟ ସଂସଦର ଷାଣ୍ମାସିକ ମୁଖପତ୍ର 'ବନ୍ଦନା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

## ସଂକ୍ଷେପରେ

### ରାମନବମୀ ଉପଲକ୍ଷେ ବିଭିନ୍ନ ସ୍ଥାନରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**କାକଟପୁର/ଅସ୍ତରଙ୍ଗ/ ଯୋଗେଶ୍ୱରପୁର ୨୬।୩ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ ରଶ୍ମିରଞ୍ଜନ ସାହୁ)**

ରାମନବମୀ ଉପଲକ୍ଷେ ପୁରୀ ଏସ୍‌ପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ସନ୍ଧ୍ୟାରେ ପୋଲିସ ପକ୍ଷରୁ କାକଟପୁର ମୁଖ୍ୟ ବଜାରରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ନିମାପଡ଼ା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀଙ୍କ ତତ୍ତ୍ୱାବଧାନରେ ରାପିଡ୍ ଆକ୍ସନ ଫୋର୍ସ ଏବଂ ଜିଲା ପୋଲିସ ମିଳିତ ଭାବେ କାକଟପୁର ମୁଖ୍ୟ ବଜାରରେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁ କହିଛନ୍ତି, ଶାନ୍ତିଶୃଙ୍ଖଳାର ସହ ରାମନବମୀ ଉତ୍ସବ ପାଳନ ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି। ଅସ୍ତରଙ୍ଗ ପୋଲିସ ପକ୍ଷରୁ ଅସ୍ତରଙ୍ଗ ବଜାରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ସେହିପରି ଗୋପ ଥାନା ଆଇଆଇସି ଦୁର୍ଗାପ୍ରସାଦ ମହାପାତ୍ର, ଚାରିଛକ ଥାନା ଓ ନୟାହାଟ ଫାଣ୍ଡି ପୋଲିସ ପକ୍ଷରୁ ସିଙ୍ଗପାନିଆଁ ଗ୍ରାମଠାରୁ ହାଇସ୍କୁଲ ଛକ ପର୍ଯ୍ୟନ୍ତ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ନୟାହାଟବାସୀଙ୍କୁ ଆଇଆଇସି ମହାପାତ୍ର ପରାମର୍ଶ ଦେଇଛନ୍ତି।

### ଠାକୁର ଅନୁକୂଳଚନ୍ଦ୍ରଙ୍କ ମହୋତ୍ସବ

**ଯୋଗେଶ୍ୱରପୁର, ୨୬।୩(ରଶ୍ମିରଞ୍ଜନ ସାହୁ)**

ନୟାହାଟ ବିନିଶିପୁର ସତସଙ୍ଗ କେନ୍ଦ୍ରରେ ଗୁରୁବାର ଠାକୁର ଅନୁକୂଳଚନ୍ଦ୍ରଙ୍କ ମହୋତ୍ସବ ପାଳନ ସହ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଯାଇଛି। ଏଥିରେ ସଭାପତି ରମେଶ ଚନ୍ଦ୍ର ସ୍ୱାଇଁ, ବିପିନ ବିହାରୀ ମିଶ୍ର, କୃଷ୍ଣଚନ୍ଦ୍ର ମଲିକ, ଚନ୍ଦନ ମୁଦୁଲି, ସୁକାନ୍ତ ମହାନ୍ତି, ଜିତୁ ପାତ୍ର ଓ କୈଳାସ ଚନ୍ଦ୍ର ସେଠୀ ପ୍ରମୁଖ ଦୁଇହଜାରରୁ ଊର୍ଦ୍ଧ୍ୱ ଗୁରୁଭାଇ ଯୋଗଦେଇଥିଲେ। ସଙ୍କୀର୍ତ୍ତନ ଓ ହୁଳହୁଳିରେ ବିନିଶିପୁର ଅଞ୍ଚଳ କମ୍ପିଉଠିଥିଲା। ଆନନ୍ଦବଜାରରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ।

### ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପକ୍ଷରୁ ସାଗର କବଚ ମକ୍‌ଡ୍ରିଲ୍

**କୋଣାର୍କ, ୨୬।୩(ଜ୍ୟୋତିରାଜ ମହାନ୍ତି)**

ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପକ୍ଷରୁ ସାଗର କବଚ ସମରାଭ୍ୟାସ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୋଣାର୍କ-ପୁରୀ ମେରାଇନ ଡ୍ରାଇଭ ରାସ୍ତାର ଲୋଟସ ରିସୋର୍ଟ ନିକଟରେ ଜଳପଥରେ ଆତଙ୍କବାଦୀ ଆକ୍ରମଣ କରିବା ଯୋଜନା ନେଇ ଆସିଥିବା ରେଡ୍‌ଫୋର୍ସର ୨ଜଣ ନକଲି ଆତଙ୍କବାଦୀଙ୍କୁ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସ କାବୁ କରିଥିବା ନେଇ ମକ୍‌ଡ୍ରିଲ୍ ପ୍ରଦର୍ଶନ କରାଯାଇଛି। ପାରାଦ୍ୱୀପଠାରୁ ଜଳପଥରେ ଆସି ଗଞ୍ଜାମ ଦେଇ ରେଡ୍‌ଫୋର୍ସର ଦୁଇଜଣ ନକଲି ଆତଙ୍କବାଦୀ ପୁରୀରେ ପହଞ୍ଚିଥିଲେ। ସେଠାରୁ ସେମାନେ ବସ୍ ଯୋଗେ କୋଣାର୍କ- ପୁରୀ ମେରାଇନ ଡ୍ରାଇଭ ରାସ୍ତାର ଲୋଟସ ରିସୋର୍ଟଠାରେ ପହଞ୍ଚିଥିଲେ। ଲୋଟସ ରିସୋର୍ଟର କର୍ମଚାରୀମାନେ ସେମାନଙ୍କୁ ଧରି ତାଙ୍କଠାରୁ ନକଲି ବୋମା ଜବତ କରି ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସକୁ ହସ୍ତାନ୍ତର କରିଥିଲେ। ଏହି ମକ୍‌ଡ୍ରିଲ୍‌ରେ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧିକାରୀ ସ୍ୱରସ୍ୱତୀ ସାହୁଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ସାମିଲ ଥିଲେ।

# ଅଶୋକାଷ୍ଟମୀ ପାଇଁ ରାୟଚକ୍ରଧରପୁର ଉତ୍ସବମୁଖର

**ସାକ୍ଷୀଗୋପାଳ, ୨୬।୩ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)**

ଅଶୋକାଷ୍ଟମୀ ଉପଲକ୍ଷେ ଗୁରୁବାର ରାୟଚକ୍ରଧରପୁର ଗ୍ରାମ ଉତ୍ସବମୁଖର ହୋଇଉଠିଛି। ପରମ୍ପରା କ୍ରମେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଜୟଦୁର୍ଗାଙ୍କ ଆଜ୍ଞାମାଳ ନେଇ ଏକ ସୁସଜ୍ଜିତ ରଥ ବଁପାଳ ଗ୍ରାମର ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିରକୁ ଯାଇଥିଲା। ଛତି ଡ୍ରାସ ଆଲଟ ଚାମର ସହିତ ନବଦିନ ରଥଯାତ୍ରା ପାଇଁ ନିମନ୍ତ୍ରଣ କରାଯାଇଥିଲା। ସେଠାରେ ଯେଉଟ ଭୋଗ ଅନୁଷ୍ଠିତ ହୋଇଥିଲା। ପରେ ଦୁଇଟି ରଥରେ ଶ୍ରୀନୀଳକଣ୍ଠେଶ୍ୱର ଦେବ, ମା' ଜୟଦୁର୍ଗା, ଶ୍ରୀଗୋପୀନାଥ ଦେବ, ଶ୍ରୀରାଧାକୃଷ୍ଣ ଓ ଶ୍ରୀହରିଶଙ୍କର ଦେବ ରଥକୁ ବିଜେକରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମରେ ରଥ ପହଞ୍ଚିବା ପରେ ଗ୍ରାମବାସୀ ଠାକୁରଙ୍କୁ ଚୁଡ଼ାଘଷା, ଖିରି, ଖଇକୋରା, ଫଳମୂଳ, ପଣା, ପଇଡ଼ ଆଦି ଭୋଗଲାଗି କରିଥିଲେ। ରଥ ନିକଟରେ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ଲୋକେ ରଥଯାତ୍ରା ଦେଖିବାକୁ ସମବେତ ହୋଇଥିଲେ। ବିଳମ୍ବିତ ରାତିରେ ରଥାରୂଢ଼ ଠାକୁର ଗ୍ରାମ ଶେଷଭାଗସ୍ଥିତ ମାଉସୀମା ମନ୍ଦିରରେ ନବଦିନ ଅବସ୍ଥାନ କରିବାକୁ ଯାତ୍ରା କରିଥିଲେ। ମନ୍ଦିର ଓ ଗ୍ରାମରେ ଆଲୋକସଜ୍ଜା ସାଙ୍ଗକୁ ବନ୍ଧୁବାନ୍ଧବ, ଭକ୍ତ ଓ ଦର୍ଶନାର୍ଥୀଙ୍କ ଗହଳଚହଳ ମଧ୍ୟରେ ଗ୍ରାମ ଉତ୍ସବମୁଖର ହୋଇଉଠିଥିଲା।



ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଗୁରୁବାର ତୃତୀୟ ପର୍ଯ୍ୟାୟ ରଥକାଠ ଆସି ପୁରୀରେ ପହଞ୍ଚିଛି।




ରାମନବମୀ ଉପଲକ୍ଷେ ବାଲୁକା ଶିଳ୍ପୀ ମାନସ ସାହୁଙ୍କ ସ୍ୟାଣ୍ଡ୍ ଆନିମେଶନ ।

# ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ, ସୁନାଚେନ୍ ଲୁଟ୍

**ବଳଙ୍ଗା, ୨୬।୩(କେଦାରେଶ୍ୱର ନନ୍ଦ)**

ପୂର୍ବଶତ୍ରୁତାକୁ କେନ୍ଦ୍ରକରି ବଳଙ୍ଗା ଥାନା ଅନ୍ତର୍ଗତ ସରସ୍ୱତୀପୁର ଗ୍ରାମରେ ବାପ ପୁଅଙ୍କୁ ଆକ୍ରମଣ କରାଯିବା ସହ ଜଣେ ମହିଳାଙ୍କ ବେକରୁ ସୁନାଚେନ୍‌ଲୁଟ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ସୁକାନ୍ତି ସ୍ୱାଇଁ ଥାନାରେ କରିଥିବା ଅଭିଯୋଗ ମୁତାବକ, ବୁଧବାର ସନ୍ଧ୍ୟାରେ ତାଙ୍କ ସ୍ୱାମୀ ଲକ୍ଷ୍ମୀଧର ସ୍ୱାଇଁ ଗାଁ ଛକରେ ଠିଆ ହେଇଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ରଘୁନାଥ ପ୍ରଧାନ ଆସି ଲକ୍ଷ୍ମୀଧରଙ୍କୁ ଧମକାଇଥିଲେ। ଲକ୍ଷ୍ମୀଧରଙ୍କ ପୁଅ ଗାଁ ନ ଛାଡ଼ିଲେ ତାଙ୍କୁ ମାରିଦେବା ପାଇଁ ରଘୁନାଥ ଧମକ ଦେଇଥିଲେ। ଲକ୍ଷ୍ମୀଧର ପ୍ରତିବାଦ କରିବାରୁ ରଘୁନାଥ ତାଙ୍କ ବେକରେ ଗାମୁଛା ପକାଇ ଜୋର୍‌ରେ ଭିଡ଼ିଦେଇଥିଲେ। ଫଳରେ ଲକ୍ଷ୍ମୀଧର ଚେତାଶୂନ୍ୟ ହୋଇପଡ଼ିଥିଲେ। ପାଟି ଶୁଣି ସାନପୁଅ ଗିରିଧାରୀ ଆସିବାରୁ ରଘୁନାଥ ଏକ ଲୁହରଡ଼ରେ ଆକ୍ରମଣ କରିଥିଲେ। ଏହି ସମୟରେ ସୁକାନ୍ତି ଘଟଣାସ୍ଥଳକୁ ଆସିବାରୁ ରଘୁନାଥ ତାଙ୍କୁ ମାଡ଼ ମାରିବା ସହ ବେକରୁ ୨ଭରି ଓଜନର ସୁନାଚେନ୍ ଛିଣ୍ଡାଇ ନେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅପରପକ୍ଷରେ ରଘୁନାଥ ଘଟଣା ଦିନ ଗାଁ ଛକରେ ଠିଆ ହୋଇଥିଲା ବେଳେ ରାସ୍ତାକାମକୁ କେନ୍ଦ୍ରକରି ଲକ୍ଷ୍ମୀଧର ଓ ତାଙ୍କ ଦୁଇ ପୁଅ ଗୋବର୍ଦ୍ଧନ ଓ ଗିରିଧାରୀ ରଘୁନାଥଙ୍କୁ ତଳେ ପକାଇ ଇଟାରେ ଆକ୍ରମଣ କରିଥିଲେ। ରଘୁନାଥଙ୍କ ମୁଣ୍ଡ ଫାଟିଯାଇଥିଲା। ଏହି ସମୟରେ ଅଭିଯୁକ୍ତମାନେ ରଘୁନାଥଙ୍କ ବେକରୁ ଏକ ସୁନାଚେନ୍ ନେଇଯାଇଥିଲେ ବୋଲି ରଘୁନାଥ ପାଲଟା ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ପୃଥକ୍ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

# ନ୍ୟାୟ ଦାବିରେ ୧୪ ସାମାଜିକ ବାସନ୍ଦ ପରିବାରଙ୍କ ଅନଶନ

**ପୁରୀ, ୨୬।୩(ଅଜିତ୍ କୁମାର ମହାନ୍ତି)**

ସାମାଜିକ ବାସନ୍ଦକୁ ବିରୋଧ କରି ଜିଲାର ବିଭିନ୍ନ ବ୍ଲକର ୧୪ ପରିବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାରଠାରୁ ଧାରଣା ଦେଇଛନ୍ତି। ସାମାଜିକ ବାସନ୍ଦ ହୋଇ ସେମାନେ ଯନ୍ତ୍ରଣା ଭୋଗୁଥିବାବେଳେ ପୋଲିସ୍ ଓ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ପୁରୀ ସଦର, ଚନ୍ଦନପୁର, ବ୍ରହ୍ମଗିରି ଓ ମେରାଇନ ଥାନା ଅଞ୍ଚଳର ୧୪ଟି ପରିବାର ନ୍ୟାୟ ନ ପାଇବାରୁ ରାସ୍ତାକୁ ଓହ୍ଲାଇଛନ୍ତି। ସାମାଜିକ କର୍ମୀ ଦିବାକର ବାରିକ କହିଛନ୍ତି, ଗତ ୨୪ ତାରିଖରେ ସାମାଜିକ ବାସନ୍ଦ ପରିବାରବର୍ଗ ଏକାଠି ହୋଇ ପ୍ରତିବାଦ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲୁ। ଏହା ପୂର୍ବରୁ ସ୍ମାରକପତ୍ର ଦେଇଥିଲୁ। ତଥାପି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଗଲା ନାହିଁ। ଜାତିଗତ ନିର୍ଯାତନା ଓ ସାମାଜିକ ବାସନ୍ଦ ଭିଆଉଥିବା ଅଭିଯୁକ୍ତଙ୍କ ବିରୋଧରେ ସିଆର୍‌ପିସି ଧାରା ୧୦୮ ଲଗାଇ ସାମାଜିକ ବାସନ୍ଦ ଅପରାଧରୁ ବିରତ ରହିବାକୁ ମୁଚାଲିକା କରାଇବା ନିୟମ ରହିଛି। ଅଭିଯୁକ୍ତ ଖିଲାପ କଲେ ଧାରା ୧୧୦ ଅନୁଯାୟୀ ମକଦ୍ଦମା କରିବାର ପ୍ରାବଧାନ ରହିଛି। ଅଥଚ ବାରମ୍ବାର ଅଭିଯୋଗ ପରେ ମଧ୍ୟ ମକଦ୍ଦମା ଦାଖଲ କରାଯାଇନାହିଁ। କିଛି ପରିବାର ୧୦ ବର୍ଷ ହେଲା ନିଜ ଘର ଥାଇ ବାସନ୍ଦ ଜୀବନ ବଞ୍ଚୁଛନ୍ତି। କିଛି ବ୍ୟକ୍ତି ବାସନ୍ଦ ଚିନ୍ତାରେ ବିଭିନ୍ନ ରୋଗର ଶିକାର ହେଲେଣି। ଅଥଚ ଏମାନଙ୍କ କ୍ଷେତ୍ରରେ ପ୍ରଶାସନର ନୀରବ ରହିଛି। ଯେପର୍ଯ୍ୟନ୍ତ ସାଧାରଣ ମଣିଷ ଭଳି ବଞ୍ଚିବାର ଅଧିକାର ନ ମିଳିଛି ସେପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଜାରି ରହିବ ବୋଲି ବାସିନ୍ଦ ପରିବାର ପକ୍ଷରୁ କୁହାଯାଇଛି।

# ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**କାକଟପୁର/ଅସ୍ତରଙ୍ଗ, ୨୬।୩ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)**

ନୂଆଗଡ଼ ସାମୁଦ୍ରିକ ଥାନା ଆମ ପୋଲିସ ସମିତି ପକ୍ଷରୁ ଗୁରୁବାର ଝାଡ଼ଲିଙ୍ଗ ଉଚ୍ଚ ବିଦ୍ୟାଳୟ ଓ ତାଳଖାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆଗଡ଼ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା ଅଧ୍ୟକ୍ଷତା କରିଥିଲେ। ଜନସାଧାରଣ ବିଶେଷକରି ବୟୋଜ୍ୟେଷ୍ଠ ଓ ମହିଳାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ, ଅପରାଧ ନିୟନ୍ତ୍ରଣରେ ନୂତନ କୌଶଳ ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜନତାର ବନ୍ଧୁ ପୋଲିସ। ତେଣୁ ଜନସାଧାରଣଙ୍କୁ ସେବା, ସୁରକ୍ଷା ଓ ନ୍ୟାୟ ଦେବାରେ ପୋଲିସର ଭୂମିକା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ସଂହିତା ସମ୍ପର୍କରେ ସୂଚନା ଦିଆଯିବ ସହ ନାରୀ ନିର୍ଯାତନା ଓ ନିଶା କାରବାର ରୋକିବା, ବରିଷ୍ଠ ନାଗରିକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ବୁଦ୍ଧିଜୀବି, ଜନପ୍ରତିନିଧି ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀ ଓ ବରିଷ୍ଠ ନାଗରିକ ।

# ସାହିଯାତ ପାଇଁ ସମନ୍ୱୟ ସଭା

**ପୁରୀ, ୨୬।୩(ଅଜିତ୍ କୁମାର ମହାନ୍ତି)**

ଚଳିତବର୍ଷ ସାହିଯାତ ଯାତ୍ରାକୁ ସୁଚାରୁ, ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ଉଦ୍ଦେଶ୍ୟରେ ଗୁରୁବାର ବିଶ୍ରୁନି ଜାଗାରେ ୮ଟି ସାହିର ସମନ୍ୱୟ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଏସ୍‌ପି ପ୍ରତୀକ ସିଂ ଅଧ୍ୟକ୍ଷତା କରିଥିଲେ। ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର, ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ, କୁମ୍ଭାରପଡ଼ା ଥାନା ଅଧିକାରୀ ବିଜୟ କେତନ ବେହେରା, ବାସେଳିସାହି ଥାନା ଅଧିକାରୀ ଅବିନାଶ ରାଉତ ଏବଂ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତଥିଲେ। ଏଥିସହ ୮ଟି ସାହିର ସଭାପତି, ସମ୍ପାଦକ ଓ ବରିଷ୍ଠ ସଦସ୍ୟମାନେ ଯୋଗଦେଇଥିଲେ। ସାହିଯାତ ଯାତ୍ରାର ବିଭିନ୍ନ ପାରମ୍ପରିକ ନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ, ସୁରକ୍ଷା ବ୍ୟବସ୍ଥା, ଆପାତକାଳୀନ ସେବା, ଟ୍ରାଫିକ ପରିଚାଳନା ଓ ସାମ୍ପ୍ରଦାୟିକ ସମନ୍ୱୟ ବଜାୟ ରଖିବା ବିଷୟରେ ଗୁରୁତ୍ୱ ସହ ଆଲୋଚନା କରାଯାଇଥିଲା। ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ବିଶେଷ ପୋଲିସ ବ୍ୟବସ୍ଥା, ସିସିଟିଭି ମାଧ୍ୟମରେ କଡ଼ା ନଜର, ନିୟମିତ ପାଟ୍ରୋଲିଂ ଓ କୁଇକ୍ ରେସ୍‌ପନ୍ସ ଟିମ୍‌ଙ୍କୁ ସଜାଗ ରଖାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏସ୍‌ପି ସ୍ଥାନୀୟ ସାହି କମିଟିଗୁଡ଼ିକୁ ସକ୍ରିୟ ସହଯୋଗ ପାଇଁ ଅନୁରୋଧ କରି କହିଥିଲେ। ସାହି ସଫାସୁତୁରା ରଖିବା, ଅବୈଧ ପାର୍କିଂ ରୋକିବା ଓ ଅସ୍ଥାୟୀ ବ୍ୟବସ୍ଥାଗୁଡ଼ିକର ସୁରକ୍ଷା ଯାଞ୍ଚ ପାଇଁ ସମସ୍ତଙ୍କୁ ସଚେତନ ରହିବାକୁ କୁହାଯାଇଥିଲା। ଟ୍ରାଫିକ ପକ୍ଷରୁ ଯାତ୍ରା ଦିନ ବିଶେଷ ଟ୍ରାଫିକ ବ୍ୟବସ୍ଥା ଲାଗୁ ହେବା ସହ ପ୍ରମୁଖ ସ୍ଥାନରେ ଡାଇଭର୍ସନ ବ୍ୟବସ୍ଥା କରାଯିବ।

# ଓଡ଼ିଶା ଦିବସ ଉପଲକ୍ଷେ ଝୋଟି, ମୁରୁଜ ପ୍ରତିଯୋଗିତା

**ପୁରୀ, ୨୬।୩(ଅଜିତ୍ କୁମାର ମହାନ୍ତି)**

ଓଡ଼ିଶା ଦିବସ ଉପଲକ୍ଷେ ପୁରୀ ଟାଉନ୍ ହଲରେ ଗୁରୁବାର ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କ କାର୍ଯ୍ୟାଳୟର ମିଳିତ ସହଯୋଗରେ ମହିଳା କିଶୋରୀଙ୍କ ମଧ୍ୟରେ ଝୋଟି ଓ ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୩୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଷ୍ଣୁପ୍ରିୟା ମହାନ୍ତି ପ୍ରଥମ, ରୋଜାଲିନ ଖୁଣ୍ଟିଆ ଦ୍ୱିତୀୟ ଏବଂ ସ୍ୱର୍ଣ୍ଣଲତା ପଣ୍ଡା ତୃତୀୟ ସ୍ଥାନ ହାସଲ କରିଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଓଡ଼ିଶା ଦିବସ ପାଳନ ଅବସରରେ ସମ୍ବର୍ଦ୍ଧିତ କରାଯିବ।

# ବାଇକ ଚାଳକଙ୍କଠାରୁ ଟଙ୍କା ବ୍ୟାଗ୍ ଲୁଟ୍

**ନିମାପଡ଼ା, ୨୬।୩(ବିଚିତ୍ରାନନ୍ଦ ସାହୁ):**

ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ଓମ୍‌ଫେଡ୍ ଛକ ଗୌତମନଗରଠାରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଜଣେ ବାଇକ ଚାଳକଙ୍କୁ ଧକ୍କାମାରି ଦୁଇଜଣ ଲୁଟେରା ଏକ ବାଇକରେ ଆସି ୨ଲକ୍ଷ ୭୪ହଜାର ଟଙ୍କା ଥିବା ଏକ ବ୍ୟାଗ ଝାମ୍ପିନେଇଛନ୍ତି। ଏସମ୍ପର୍କରେ ସମ୍ପୃକ୍ତ ବାଇକ ଚାଳକ ନିମାପଡ଼ା ଥାନା ଅନ୍ତର୍ଗତ ବିଷ୍ଣୁପୁର କରଞ୍ଜିସାହି ଗ୍ରାମର ଜଗବନ୍ଧୁ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଜଗବନ୍ଧୁ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଶାଖାରୁ ୨ଲକ୍ଷ ୭୪ହଜାର ଟଙ୍କା ଉଠାଇ ଏକ ବ୍ୟାଗରେ ରଖି ବାଇକ ହ୍ୟାଣ୍ଡେଲରେ ଓହଳାଇ ଓମଫେଡ ଛକ ଗୌତମନଗରସ୍ଥିତ ତାଙ୍କର ଜଣେ ସମ୍ପର୍କୀୟଙ୍କ ଦୋକାନକୁ ଯାଇଥିଲେ। ସେଠାରେ ଦୋକାନ ସମ୍ମୁଖରେ ବାଇକ ରଖିବା ବେଳେ ଦୁଇଜଣ ଲୁଟେରା ଜଗବନ୍ଧୁଙ୍କୁ ପିଛାକରି ଆସି ତାଙ୍କୁ ଧକ୍କାମାରି ଟଙ୍କାଭର୍ତ୍ତି ବ୍ୟାଗକୁ ଝାମ୍ପିନେଇ ବାଇକରେ ଦ୍ରୁତଗତିରେ ଫେରାର ହୋଇଯାଇଥିଲେ। ଉକ୍ତ ବ୍ୟାଗରେ ଜଗବନ୍ଧୁଙ୍କ ବ୍ୟାଙ୍କ ପାସ୍‌ବୁକ, ଆଧାରକାର୍ଡ଼ ସମେତ ବହୁ ଦରକାରୀ କାଗଜପତ୍ର ରହିଥିବା ତାଙ୍କ ଅଭିଯୋଗପତ୍ରରେ ଦର୍ଶାଯାଇଛି। ସ୍ପଷ୍ଟ ଦିବାଲୋକରେ ଜନଗହଳିପୂର୍ଣ୍ଣ ସ୍ଥାନରୁ ଏଭଳି ଟଙ୍କା ଲୁଟ ଘଟଣା ସ୍ଥାନୀୟ ଅଞ୍ଚଳବାସୀ ଓ ବ୍ୟବସାୟୀମାନଙ୍କୁ ଭୟଭୀତ କରିଦେଇଛି। ତୁରନ୍ତ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।




ଜିଲାର ସୈନ୍ୟବାହିନୀର ଅବସରପ୍ରାପ୍ତ ବରିଷ୍ଠ କର୍ମଚାରୀମାନେ ଏସିଏଚ୍‌ର ସ୍ଥାନାନ୍ତର ପ୍ରତିବାଦରେ ଗୁରୁବାର ପୁରୀଠାରେ ଧାରଣା ଦେଇଛନ୍ତି।

# ପୁରୀ ସମୁଦ୍ରରେ ଭାସିଯିବାବେଳେ ୩ ପର୍ଯ୍ୟଟକ ଉଦ୍ଧାର

**ପୁରୀ, ୨୬।୩(ଅଜିତ୍ କୁମାର ମହାନ୍ତି)-**

ପୁରୀ ସମୁଦ୍ରରେ ଗାଧେଉଥିବା ବେଳେ ଭାସିଯାଉଥିବା ୩ ପର୍ଯ୍ୟଟକଙ୍କୁ ଲାଇଫ ଗାର୍ଡମାନେ ଉଦ୍ଧାର କରିଛନ୍ତି। ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟା ୧୦ରେ ରେଣୁକା ଗଳି ସମ୍ମୁଖ ୮ ନଂ ସେକ୍ଟର ବେଳାଭୂମିରେ ଗାଧଉଥିବା ସମୟରେ ଦୁଇଜଣ ପର୍ଯ୍ୟଟକ ସମୁଦ୍ରରେ ଭାସିଯାଇଥିଲେ। ସେମାନେ ହେଲେ ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଞ୍ଚଳର ଶାନ୍ତନୁ କୁମାର ସାହୁ (୧୬) ଏବଂ ଆୟୁଷ୍ମାନ ସୁବୁଦ୍ଧି (୧୭)। ସେଠାରେ ଉପସ୍ଥିତ ଥିବା ବ୍ୟକ୍ତି ଓ ତାଙ୍କ ସାଙ୍ଗମାନଙ୍କ ପାଟି ଶୁଣି କାର୍ଯ୍ୟରତ ଲାଇଫଗାର୍ଡ଼ମାନେ ତୁରନ୍ତ ୨ଜଣଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ସେହିପରି ଅପରାହ୍ନ ପ୍ରାୟ ୨ଟା ୧୦ରେ ପଶ୍ଚିମବଙ୍ଗର ସୁଖଦେବ ପଲ ମହୋଦଧି ପ୍ୟାଲେସ ସମ୍ମୁଖ ସେକ୍ଟର ୭ରେ ଗାଧୋଉଥିବାବେଳେ ଡିପ୍ କରେଣ୍ଟରେ ଗଭୀର ସମୁଦ୍ରକୁ ଭାସିଯାଇଥିଲେ। ଲାଇଫଗାର୍ଡ଼ମାନେ ତୁରନ୍ତ ଗଭୀର ସମୁଦ୍ରରେ ପଶି ତାଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଲଭର୍ସ ଇଲେଭେନ ଚାମ୍ପିୟନ



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି ।

**ଅସ୍ତରଙ୍ଗ, ୨୬।୩(ମମତା ଜେନା)**

କାକଟପୁର ବ୍ଲକ ଜଳେଶ୍ୱରପଡ଼ା ପଞ୍ଚାୟତ କଜଳପାଟିଆ ଲଭର୍ସ ଇଲେଭେନ କ୍ଲବ ପକ୍ଷରୁ ଆୟୋଜିତ ଦ୍ୱିତୀୟ ବାର୍ଷିକ ସଟ୍ ବାଉଣ୍ଡାରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଛୋଟରାୟପୁରର ରାଜା ଇଲେଭେନ କ୍ରିକେଟ କ୍ଲବକୁ ହରାଇ କଜଳପାଟିଆ ଲଭର୍ସ ଇଲେଭେନ କ୍ରିକେଟ କ୍ଲବ ଚାମ୍ପିୟନ ଟ୍ରଫି ହାସଲ କରିଛି। ପ୍ରଥମେ ଟସ୍ ଜିତି ରାଜା ଇଲେଭେନ ବ୍ୟାଟିଂ କରି ନିର୍ଦ୍ଧାରିତ ୮ଓଭରରେ ୩ ଉଇକେଟ ହରାଇ ୭୫ ରନ ସଂଗ୍ରହ କରିଥିଲା। ଜବାବରେ ଲଭର୍ସ ଇଲେଭେନ ୫ ଓଭରରେ ୧ ଉଇକେଟ ହରାଇ ୭୬ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଚିନ୍ମୟ ପାତ୍ର ୧୬ ବଲରେ ୪୨ ରନ ସଂଗ୍ରହ କରି ମ୍ୟାନ ଅଫ ଦ ମ୍ୟାଚ ଓ ସିରିଜ ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ବିଷ୍ଣୁଚରଣ ବେହେରା, ସମ୍ମାନିତ ଅତିଥି ଭାବେ ସୁମନ୍ତ ବେହେରା ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ଓ ରନର୍ସ ଅପ୍ ଦଳକୁ ରନର୍ସ କପ୍ ପ୍ରଦାନ କରିଥିଲେ। ମଣ୍ଟୁ ବେହେରା ଓ ପାର୍ଥ ବେହେରା ଖେଳ ପରିଚାଳନା କରିଥିବାବେଳେ ବିଶ୍ୱଜିତ, ସୁମନ, ପ୍ରଶାନ୍ତ, ରଞ୍ଜନ ପ୍ରମୁଖ ସହଯୋଗ କରିଥିଲେ ।

**ଅବକାରୀ ଚଢ଼ାଉ, ୪ ଗିରଫ**

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ଅବକାରୀ ଥାନା ପକ୍ଷରୁ ଟାଙ୍ଗୀ ଓ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ସ୍ଥାନରେ ଗୁରୁବାର ଚଢ଼ାଉ କରାଯାଇ ୭୦ ଲିଟର ଚୋରା ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇଛି। ଗିରଫମାନେ ହେଲେ ଚୌଦ୍ୱାର ଥାନା ବାଣୀପଦା ଗ୍ରାମର ବୁଲୁ ମଲ୍ଲିକ, ଅଭୟପୁରର ଫୁଲ ଛତିରା, ଚୌଦ୍ୱାରର ଭଗବାନ ବେହେରା ଓ ଓସିଏଲର କୃଷ୍ଣ ସାମାଡ଼। ଅବକାରୀ ମାମଲା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ଇନ୍ସପେକ୍ଟର ମାନସୀ ନାୟକ, ଭକ୍ତବତ୍ସଳ ବର୍ମା, ଆଶୁତୋଷ ଜେନା, ରାମକୃଷ୍ଣ ବିଶ୍ୱାଳ, ସୁନିଲ ବଳ ଓ ଗୀତାଞ୍ଜଳି ବେହେରା ପ୍ରମୁଖ ସାମିଲ ଥିଲେ।

**ସଂକ୍ଷେପରେ**

## ଓସିଏ ଅମ୍ପାୟରିଂ ପ୍ୟାନେଲରେ ଆଶିଷ

ଚୌଦ୍ୱାର,୨୬।୩(ଆଶୁତୋଷ ଦାସ)

ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ)ର ଅମ୍ପାୟର ପ୍ୟାନେଲରେ ସ୍ଥାନ ପାଇଛନ୍ତି ଚୌଦ୍ୱାର ଅଞ୍ଚଳର ଆଶିଷ



ରାଉତ। ସେ ଓଡ଼ିଶା ଅମ୍ପାୟାରିଂ ସେମିନାର ୨୦୨୫-୨୬ରେ ଉତ୍ତୀର୍ଣ୍ଣ ହୋଇ ଚୌଦ୍ୱାର ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ଆଗାମୀ ଦିନରେ ତାଙ୍କୁ ଓସିଏ ପରିଚାଳିତ ୧୬ବର୍ଷରୁ କମ୍ ଟୁର୍ନାମେଣ୍ଟରେ ଅମ୍ପାୟରିଂ କରିବା ସୁଯୋଗ ମିଳିବ। ଚୌଦ୍ୱାର ପୌରପାଳିକା ୧୧ନମ୍ବର ୱାର୍ଡ ଓଟିଏମ୍ କଲୋନୀ ବାସିନ୍ଦା ଆଶିଷ ପିଲାଟି ଦିନରୁ କ୍ରିକେଟ ପ୍ରତି ରୁଚି ରଖିବା ସହିତ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଜିଲା ପାଇଁ ଖେଳି ସୁନାମ ଅର୍ଜନ କରିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ସ୍ଥାନୀୟ ଆମ୍ବିସନ୍ କ୍ଲବ୍ ସମେତ ଆଞ୍ଚଳିକ ଯୁବବର୍ଗଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ବାସନ୍ତୀ ଦୁର୍ଗା ପୂଜା ମଣ୍ଡପ ପରିଦର୍ଶନ କଲେ ମହାନଗର ଶାନ୍ତି କମିଟି କର୍ମକର୍ତ୍ତା

କଟକ,୨୬।୩(ଶିଳ୍ପା ପ୍ରିୟଦର୍ଶିନୀ)

ବାସନ୍ତୀ ଦୁର୍ଗାପୂଜା ଅବସରରେ କଟକ ମହାନଗର ଶାନ୍ତି କମିଟି କର୍ମକର୍ତ୍ତାମାନେ ସହରର ସମସ୍ତ ବାସନ୍ତୀ ଦୁର୍ଗା ମଣ୍ଡପ ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରୀ ଦାସ, କୋଷାଧ୍ୟକ୍ଷ ନରେଶ କୁମାର ସାହୁ, ଉପସଭାପତି ଶିବେନ୍ଦ୍ର ହାତୀ, ଦେବେନ୍ଦ୍ର କାହାଳୀ ଓ ରବୀନ୍ଦ୍ର କୁମାର ବେହେରା, ଯୁଗ୍ମସମ୍ପାଦକ ଅଶୋକ ରାଉତରାୟ, ଜୟଦେବ ଦାସ, କର୍ମକର୍ତ୍ତା ସୁଦୀପ୍ତ କୁମାର ସ୍ୱାଇଁ ଓ ମୀନକେତନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପା ଜିଲା କାର୍ଯ୍ୟାଳୟ ପାଇଁ ସ୍ଥାନ ବୁଲି ଦେଖିଲେ ମନମୋହନ

କଟକ,୨୬।୩(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟ ସଭା ସଦସ୍ୟ ତଥା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ବୁଧବାର କଟକ ଗସ୍ତ କରିଥିଲେ। ପ୍ରଥମେ ସେ କଟକ ଚଣ୍ଡୀଙ୍କ ଦର୍ଶନ କରିବା ପରେ କଟକ ଜିଲା ଭାଜପାର ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ଚିହ୍ନଟ ହୋଇଥିବା ସ୍ଥାନ ବୁଲି ଦେଖିଥିଲେ। ଏହାସହ ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ନୂତନ କାର୍ଯ୍ୟାଳୟ ନିମନ୍ତେ ପଞ୍ଜୀକରଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଦଳୀୟ କର୍ମକର୍ତ୍ତା ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ସୁକାନ୍ତ ବିଶ୍ୱାଳ, ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ, ଶ୍ରୀତମ ଦାସଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଗୋ ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର

କଟକ ସଦର,୨୬।୩(ସୁଶାନ୍ତ କୁମାର ଜେନା)

ପ୍ରାଣୀ ଚିକିତ୍ସାଳୟ କଟକ ଆନୁକୂଲ୍ୟରେ ଗୁରୁବାର କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତ ବମ୍ଭୁରୁ ଗ୍ରାମରେ ଗୋ ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ଦୁଗ୍ଧ ଚାଷୀ ଯୋଗଦେଇ ପ୍ରାଣୀ ଚିକିତ୍ସକଙ୍କ ଠାରୁ ପରାମର୍ଶ ଗ୍ରହଣ କରିଥିଲେ। ଉପଖଣ୍ଡ ଚିକିତ୍ସା ଅଧିକାରୀ ତଥା ପ୍ରଜନନ ବିଶେଷଜ୍ଞ ଡାକ୍ତର ଅଭିମନ୍ୟୁ ସାହୁ, ଡାକ୍ତର ପ୍ରୀତିଶ କୁମାର ମହାନ୍ତି, ଡାକ୍ତର ପୁଣ୍ୟତୟ ଦାସ ଓ ପ୍ରାଣୀ ଚିକିତ୍ସା ଉପନିର୍ଦ୍ଦେଶକ ଡାକ୍ତର ଦେବଦତ୍ତ ପାଢ଼ୀ ଚିକିତ୍ସା ଓ ପରାମର୍ଶ ଦେଇଥିଲେ। ପ୍ରାୟ ୫ ବର୍ଷ ଧରି ଅଚଳ ହୋଇରହିଥିବା ବମ୍ଭୁରି ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ପ୍ରଚେଷ୍ଟାରେ କାର୍ଯ୍ୟକ୍ଷମ ହୋଇଥିଲା। ଶିବିର ପରିଚାଳନାରେ ପ୍ରାଣୀଧନ ନିରୀକ୍ଷକ ପୁଷ୍ପଲତା ଜେନା ଓ ଲକ୍ଷ୍ମୀଧର ଜେନା ସହଯୋଗ କରିଥିବା ବେଳେ କନ୍ଦରପୁର ସରପଞ୍ଚ ସୁବାଶିନୀ ରାଉତ ଓ ଭାଜପା ମଣ୍ଡଳ ସଭାପତି ନିରଞ୍ଜନ ରାଉଳ ରାଜ୍ୟ ସରକାରଙ୍କ କାମଧେନୁ ଯୋଜନାରେ ଦୁଗ୍ଧ ଚାଷୀମାନେ ଗୋ ପାଳନ ପାଇଁ ସହାୟତା ନେବା ପାଇଁ ପରାମର୍ଶ ଦେଇଥିଲେ।

# ଅକ୍ସିଜେନ ନ ପାଇ ଚାଲିଗଲା ରୋଗୀଙ୍କ ଜୀବନ

କଟକ,୨୬।୩(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ଅକ୍ସିଜେନ ନ ପାଇ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି। ଏପରିକି ରୋଗୀ ଗୁରୁତର ହେବାରୁ ରାତିରେ ଡାକ୍ତର ଦେଖିବାକୁ ଆସି ନ ଥିବା ସଙ୍ଗିନ ଅଭିଯୋଗ ହୋଇଛି। ମୃତ୍ୟୁ ପରେ ପରିବାର ଲୋକ ପଚରାଉଚରା କରିବାରୁ ମେଡିକାଲ କର୍ମଚାରୀ, ଡାକ୍ତର ମୃତକଙ୍କ ସ୍ତ୍ରୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାର ଲୋକ ଡାକ୍ତରଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଗୁରୁବାର ମୃତକଙ୍କ ପରିବାର ଓ ଡ୍ୟୁଟିରେ ଥିବା ଡାକ୍ତର ମଙ୍ଗଳାବାଗ ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ମୁତାବକ, ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର ରାମକୃଷ୍ଣ ମିଶ୍ର କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଗତ କିଛି ଦିନ ପୂର୍ବେ ଏସ୍‌ସିବିର ନେଫ୍ରୋଲୋଜି ବିଭାଗରେ ଭର୍ତ୍ତି ହୋଇଥିଲେ। ବୁଧବାର ବିଳମ୍ବିତ ରାତିରେ



ରାମକୃଷ୍ଣଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କ ସ୍ତ୍ରୀ ରତ୍ନମଞ୍ଜରୀ ମିଶ୍ର ଡାକ୍ତରଙ୍କୁ ଚିକିତ୍ସା ପାଇଁ ଡାକିଥିଲେ ମଧ୍ୟ କେହି ଆସି ନ ଥିଲେ। ଏପରିକି ରାମକୃଷ୍ଣ ନିଃଶ୍ୱାସ ଠିକ୍ ଭାବେ ନେଇପାରୁ ନ ଥିବାବେଳେ ତାଙ୍କୁ ଅକ୍ସିଜେନ ଲଗାଇବାକୁ ଡାକ୍ତର ପୂର୍ବରୁ ପରାମର୍ଶ ଦେଇଥିଲେ। ହେଲେ ଗୁରୁତର ହେବା ସତ୍ତ୍ୱେ ତାଙ୍କୁ ଅକ୍ସିଜେନ ମିଳି ନ ଥିଲା। କିଛି ସମୟ ଛଟପଟ ହୋଇ ଶେଷରେ ରାମକୃଷ୍ଣଙ୍କ ମୃତ୍ୟୁ ହୋଇଥିଲା। ଏନେଇ ରାମକୃଷ୍ଣଙ୍କ ପରିବାର ଲୋକ ଉପସ୍ଥିତ ଡାକ୍ତରଙ୍କୁ ପଚରାଉଚରା କରିବାରୁ ଡାକ୍ତର ଓ କର୍ମଚାରୀମାନେ ରତ୍ନମଞ୍ଜରୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହାକୁ ନେଇ ଡାକ୍ତର ଓ ପରିବାର ଲୋକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବାରୁ ମଙ୍ଗଳାବାଗ ଥାନା ପୋଲିସ ପହଞ୍ଚି ସ୍ଥିତିକୁ ଆୟତ୍ତ କରିଥିଲା। ଥାନାରେ ପରିବାର ଲୋକ ଓ ଡାକ୍ତରଙ୍କ

**ଏସ୍‌ସିବି ନେଫ୍ରୋଲୋଜି ବିଭାଗ**

**ମୃତକଙ୍କ ପରିବାରକୁ ଦୁର୍ବ୍ୟବହାର, ଡାକ୍ତରଙ୍କୁ ମାଡ଼**

ପକ୍ଷରୁ ଏତଲା ଦିଆଯାଇଥିଲା। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଏନେଇ ମଙ୍ଗଳାବାଗ ଥାନା ଅଧିକାରୀ ଉମାକାନ୍ତ ସାହୁ କହିଛନ୍ତି, ଘଟଣା ନେଇ ଉଭୟଙ୍କ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରାଯାଇଛି। ସିସିଟିଭି ଓ ମୋବାଇଲର ଭିଡିଓ ଏବଂ ଅନ୍ୟାନ୍ୟ ରୋଗୀ ଓ ସମ୍ପର୍କୀୟଙ୍କୁ ମଧ୍ୟ ପଚରାଉଚରା କରାଯିବ। ମେଡିକାଲ ପକ୍ଷରୁ ମଧ୍ୟ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଘଟଣା ନେଇ ଜୁନିୟର ଡାକ୍ତର ସଂଘ ପକ୍ଷରୁ ମେଡିକାଲ ଅଧୀକ୍ଷକଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିବାବେଳେ ମେଡିକାଲର ଅଧୀକ୍ଷକ ଡା. ଜ୍ୟୋତିଷ ଚନ୍ଦ୍ର ଚୌଧୁରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଏସ୍‌ସିବିରେ ନିଆଁ ଭୟ: ଲିଫ୍ଟ ମରାମତି ଧୂଆଁ ଦେଖି ଭୟଭୀତ ଲୋକେ

କଟକ,୨୬।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ପରଠୁ ମେଡିକାଲରେ ନିଆଁ ଭୟ ସମସ୍ତଙ୍କୁ ଘାରିଛି। ଗତ ୧୫ ତାରିଖରେ ଟ୍ରମା ଆଇସିୟୁ ଜଳିଯିବା ପରଠୁ ମେଡିକାଲରେ ପ୍ରାୟ ୪ରୁ ଅଧିକ ଛୋଟ ଧରଣର ନିଆଁ ଲାଗିବା ଘଟଣା ସାମ୍ନାକୁ ଆସିଛି। ସେହିପରି ଗୁରୁବାର ପୂର୍ବାହ୍ନରେ ମେଡିକାଲ ଦନ୍ତ ଚିକିତ୍ସାଳୟ ଓ ମହାବିଦ୍ୟାଳୟରେ ସମାନ ଧରଣର ଘଟଣା ଘଟିଥିଲା। ଏଠାରେ ଲିଫ୍ଟ ମରାମତି କରାଯାଉଥିବାବେଳେ ଶର୍ଟସର୍କିଟ୍‌ରୁ ଧୂଆଁ ବାହାରିଥିଲା। ସେଠାରେ ଉପସ୍ଥିତ କର୍ମଚାରୀମାନେ ତୁରନ୍ତ ଅଗ୍ନିଶମ କେନ୍ଦ୍ରକୁ ସୂଚନା ଦେବାରୁ କର୍ମଚାରୀ ପହଞ୍ଚି ନିୟନ୍ତ୍ରଣ କରିଥିଲେ। ତେବେ ଏହା କୌଣସି ବଡ଼ ଧରଣର ଅଘଟଣ ହୋଇ ନ ଥିଲେ ମଧ୍ୟ ଅଗ୍ନିକାଣ୍ଡର ଗୁଜବ ସୃଷ୍ଟି ହୋଇଥିଲା। ଏପରି ଘଟଣା ଉପରେ କଡ଼ା ନଜର ରଖାଯାଇଥିବା ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଧାୟିକା ସୋଫିଆ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଦାବିପତ୍ର ଦେଉଛନ୍ତି ବିଧାୟିକା ଏବଂ ପୂର୍ବତନ ଛାତ୍ରୀ ସଂସଦ ସଦସ୍ୟା।

କଟକ,୨୬।୩(କୁମାରଶ୍ରୀ)

**ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି**

ରାଜ୍ୟର ସର୍ବପୁରାତନ ମହିଳା ଶିକ୍ଷାନୁଷ୍ଠାନ ତଥା ଶୈଳବାଳା ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ତେଜିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ବିଧାୟିକା ସୋଫିଆଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ସଂସଦ ସଦସ୍ୟା, ମଧୁ ସୁରକ୍ଷା ମଞ୍ଚର କର୍ମକର୍ତ୍ତା ଏବଂ କେତେଜଣ ଛାତ୍ରୀ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ଐତିହାସିକ ମହାବିଦ୍ୟାଳୟର ଗୁରୁତ୍ୱ, ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶାର ମହିଳାମାନଙ୍କ ଅବଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ରାଜ୍ୟର ମହିଳା ସଶକ୍ତୀକରଣର ପ୍ରତୀକ ହୋଇଥିବାରୁ ଏହାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ ନିବେଦନ କରାଯାଇଥିଲା।





ରାଜ୍ୟର ୧୪ ସରକାରୀ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ସମେତ ସ୍ଥାୟୀ ଭିତ୍ତିରେ ପ୍ରଫେସର, ଅଧ୍ୟାପକ ନିଯୁକ୍ତି ଦାବିରେ ଗୁରୁବାର ଏଆଇଡିଏସଓ କଟକ ଜିଲା ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

## ଖୁଣ୍ଟୁଣୀ, ଗୁରୁଡ଼ିଝାଟିଆରେ ଅଶୋକାଷ୍ଟମୀ ଯାତ୍ରା

ଖୁଣ୍ଟୁଣୀ,୨୬।୩(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଓ ଗୁରୁଡ଼ିଝାଟିଆ ଥାନା ଅଞ୍ଚଳ ଗୁରୁବାର ଅଶୋକାଷ୍ଟମୀ ପାଇଁ ଉତ୍ସବମୁଖର ହୋଇଉଠିଛି। ଏକ ସଙ୍ଗେ ଖୁଣ୍ଟୁଣୀ, ରାଧା ଦାମୋଦରପୁର ଓ ଗୁରୁଡ଼ିଝାଟିଆଠାରେ ଏହି ପବିତ୍ର ଦୋଳ ଯାତ୍ରା, ଅଶୋକାଷ୍ଟମୀ ଅନୁଷ୍ଠିତ ହେଉଛି। ରାଧା ଦାମୋଦରଠାରେ ପ୍ରଭୁ ଜମେଶ୍ୱରଙ୍କ ରୁକୁଣା ରଥ ଠାକୁର ରାଜା ଭାବେ ମହାପ୍ରଭୁଙ୍କ ସେବକ ଭାଗୀରଥି କର ଛେରାପହଁରା କରିବା ପରେ ଟଣାଯାଇଥିଲା। ଖୁଣ୍ଟୁଣୀର ଆରାଧ୍ୟ ଗ୍ରାମ ଦେବତା ବାବା ବାଲୁଙ୍କେଶ୍ୱରଙ୍କ ସହିତ ଶ୍ରୀଲକ୍ଷ୍ମୀ ନାରାୟଣ ଓ ଶ୍ରୀରାମ ଠାକୁର ସୁସଜ୍ଜିତ ବିମାନରେ ବାଲୁଙ୍କେଶ୍ୱର ମନ୍ଦିରଠାରେ ପହଞ୍ଚିବା ପରେ ଗ୍ରାମ କମିଟି ସଭାପତି ମନୋଜ କୁମାର ମିଶ୍ର, ବରିଷ୍ଠ ସଦସ୍ୟ ନାରାୟଣ ସାହୁ, ସଚ୍ଚିଦାନନ୍ଦ ପଣ୍ଡା, ସମ୍ପାଦକ ଦିଲୀପ ଶେଠ, ଉପସଭାପତି ବିପିନ ବିହାରୀ ପ୍ରଧାନ, କିଶୋର ସାମନ୍ତରାୟ, ବିଜୟ ସାହୁ, ରଜନୀ କାନ୍ତ ଜେନା, ସୁରେଶ ଦଳେଇ, ଗୋବିନ୍ଦ ବେହେରା ପ୍ରମୁଖ ଗ୍ରାମ କମିଟି ସମସ୍ତ ସଦସ୍ୟ ତିନି ଠାକୁରଙ୍କୁ ଘଣ୍ଟନାଦ, ଲଉଡି ନୃତ୍ୟ, ଚାଙ୍ଗୁ ବାଜା, ଭାଲୁ ନାଚ, ଗଣେଶ ଓ କାଳିକା ନୃତ୍ୟ ଓ ପାରମ୍ପରିକ ବାଦ୍ୟ ନୃତ୍ୟରେ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯାତ୍ରା ପଡିଆକୁ ଆଣିଥିଲେ। ଏହାକୁ ଯୁବ ସ୍ୱେଚ୍ଛାସେବୀ ପରେଶ କୁମାର ସାହୁ, ତପନ ପ୍ରଧାନ, ଲିପନ ଦଳେଇ, ଜଗବନ୍ଧୁ ଦାସ ପ୍ରମୁଖ ସହଯୋଗ କରିଥିଲେ। ଯାତ୍ରା ରବିବାର ଉଦ୍‌ଯାପିତ ହେବ ବୋଲି ଗ୍ରାମ କମିଟି ସୂତ୍ରରୁ ଜଣାପଡ଼ିଛି।

## ସ୍ୱାସ୍ଥ୍ୟ ସଚିବ, ଅଗ୍ନିଶମ ଡିଜିଙ୍କୁ ବ୍ୟକ୍ତିଗତ ହାଜର ଆଦେଶ

କଟକ,୨୬।୩(କାର୍ତ୍ତିକ ସାହୁ)

**ହାଇକୋର୍ଟରେ କଟକ ସହର ସମସ୍ୟା**

ଏସ୍‌ସିବି ମେଡିକାଲର ବିବିଧ ସମସ୍ୟା ସମେତ ବାରବାଟୀ ଦୁର୍ଗ ପରିସରସ୍ଥ ସତ୍ୟବ୍ରତ ଷ୍ଟାଡିୟମକୁ ନେଇ ହାଇକୋର୍ଟ କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟ ବିଚାରପତି କେ.ଆର. ମହାପାତ୍ର ଓ ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ କଟକ ସହର ସମସ୍ୟା ମାମଲାଗୁଡ଼ିକର ଗୁରୁବାର ଶୁଣାଣି କରିଛନ୍ତି। ଏସ୍‌ସିବି ମେଡିକାଲ ପରିସରରେ ଡିଜିଟାଲ ଡିସପ୍ଲେ ବୋର୍ଡରେ ନିରାମୟ କେନ୍ଦ୍ରରେ ମିଳୁଥିବା ଔଷଧଗୁଡ଼ିକ ସଂକ୍ରାନ୍ତୀୟ ସୂଚନା ଆବଶ୍ୟକ ଅନୁମୋଦନ ପରେ କାର୍ଯ୍ୟକ୍ଷମ ହେବ। ଏ ସଂକ୍ରାନ୍ତୀୟ ପ୍ରସ୍ତାବ ପ୍ରସ୍ତୁତି ପାଇଁ ଅତି କମ୍‌ରେ ୨ ମାସ ସମୟ ଆବଶ୍ୟକ ବୋଲି ରାଜ୍ୟ ସରକାର ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ସେହିପରି ଏସ୍‌ସିବି ମେଡିକାଲରେ ଲିଭର ପ୍ରତିରୋପଣ ସଂକ୍ରାନ୍ତୀୟ ଯୋଜନା ଉଚ୍ଚତମ ସରକାରୀସ୍ତରରେ ୨୦୨୫ ଡିସେମ୍ବର ୧୦ରୁ ପଡ଼ିରହିଥିବା ସରକାରୀ ଓକିଲ ହାଇକୋର୍ଟଙ୍କୁ ଦର୍ଶାଇଛନ୍ତି। ଏସ୍‌ସିବି ମେଡିକାଲ ସେଣ୍ଟ୍ରାଲ କିଚେନ୍ ସମସ୍ୟା ସଂକ୍ରାନ୍ତୀୟ ମାମଲାରେ ଆଡ୍‌ଭୋକେଟ କମିଟି ଆର୍‌ଆଣ୍ଡବି ସୁପରିଟେଣ୍ଡିଂ ଇଞ୍ଜିନିୟରଙ୍କ ସହିତ ସେଣ୍ଟ୍ରାଲ କିଚେନ୍ ପରିଦର୍ଶନ କରି ପରବର୍ତ୍ତୀ ଶୁଣାଣି ମେ ୧୪ ପୂର୍ବରୁ ରିପୋର୍ଟ ପ୍ରଦାନ କରିବେ। ଏସ୍‌ସିବି ହସ୍ପିଟାଲର ଟ୍ରମାକେୟାର ସମେତ ଅନ୍ୟାନ୍ୟ ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସଂକ୍ରାନ୍ତରେ ଆଗାମୀ ଶୁଣାଣି ଏପ୍ରିଲ ୯ରେ ସ୍ୱାସ୍ଥ୍ୟ ସଚିବ ଓ ଅଗ୍ନିଶମ ଡିଜି ବ୍ୟକ୍ତିଗତ ଭାବେ ହାଜିରା ହୋଇ ଜବାବ ଦାଖଲ କରିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ସେହିପରି ସତ୍ୟବ୍ରତ ଷ୍ଟାଡିୟମର ସମସ୍ୟାଗୁଡ଼ିକର ସମାଧାନ ପାଇଁ ସରକାରୀ ଅଧିକାରୀମାନେ ପରବର୍ତ୍ତୀ ତାରିଖ ସୁଦ୍ଧା ଜବାବ ଦାଖଲ କରିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି।

## ଦୁର୍ଦ୍ଦିନରେ ବିଜେଡି କର୍ମୀଙ୍କୁ ହାତ ନ ଛାଡ଼ିବା ପାଇଁ ନେହୁରା

ମଙ୍ଗୁଳି-ଜଗତପୁର,୨୬।୩(ମାନସ ସାମଲ)

**ଜଗତପୁରରେ ପ୍ରଭାତ ବିଶ୍ୱାଳଙ୍କ ରୁଦ୍ଧଦ୍ୱାର ବୈଠକ**

**ଭାଜପାରେ ଯୋଗ ଦେବାକୁ ନେଇ ଚର୍ଚ୍ଚା**

ରାଜ୍ୟ ସଭା ନିର୍ବାଚନରେ ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କୁ ବିରୋଧ କରି ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ଦଳରୁ ବହିଷ୍କାର କରାଯାଇଛି। ଏହା ପରେ ତାଙ୍କ ଆନୁଗତ୍ୟ କର୍ମୀମାନେ ତାଙ୍କ ହାତ ଛାଡ଼ି ଦେଉଥିବା ଆଶଙ୍କା କରି ସେ ଜଗତପୁରସ୍ଥିତ ଏକ ଆଇବିରେ ଗୁରୁବାର ରୁଦ୍ଧଦ୍ୱାର ବୈଠକ କରିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳିଛି, ଏହି ରୁଦ୍ଧଦ୍ୱାର ବୈଠକରେ ଚୌଦ୍ୱାର ପୌରପାଳିକାର ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ସହିତ ବିଧାୟକଙ୍କ ପ୍ରତିନିଧି ଏବଂ ବିଜେଡିର ପାରିଷଦ ଉପସ୍ଥିତଥିଲେ। ଏପରିକି କଟକ-ଜଗତପୁରର କେତେଜଣ କର୍ପୋରେଟର, ଚୌଦ୍ୱାର ନଗର ବିଜେଡି ସଭାପତି ତଥା ସାଂଗଠନିକ ସମ୍ପାଦକଙ୍କୁ ମଧ ବୈଠକକୁ ନିମନ୍ତ୍ରଣ କରାଯାଇଥିଲା। ବୈଠକରେ ଲୋକପ୍ରତିନିଧିମାନେ ତାଙ୍କ ଯୋଗୁ ଜିତିଛନ୍ତି ବୋଲି ସେ କହିଥିଲେ। ତେଣୁ ତାଙ୍କର ଏଭଳି ଦୁର୍ଦ୍ଦିନରେ କେହି ତାଙ୍କ ହାତ ନ ଛାଡ଼ିବା ପାଇଁ ସେ ନିବେଦନ କରିଥିଲେ। ମାତ୍ର ବୈଠକରେ ଉପସ୍ଥିତ କେତେଜଣ କାଉନସିଲର ଅସନ୍ତୁଷ୍ଟ ହୋଇ ସେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ରହିଛନ୍ତି। ପ୍ରଭାତଙ୍କ ପାଇଁ ନୁହେଁ ବୋଲି ମତଦେବା ସହ ଏହି ଗୁପ୍ତ ବୈଠକ ସମ୍ପର୍କରେ ନିଜ ନାମ ଗୋପନ ରଖି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ଦଳରୁ ବହିଷ୍କୃତ ହେବା ପରେ ଏବେ ସେ ଭାଜପା ଆଡ଼କୁ ମୁହାଁଉଥିବା ଏବଂ ତାଙ୍କ ଆନୁଗତ୍ୟଙ୍କୁ ଭାଜପା ମୁହାଁ କରିବା ପାଇଁ ଉଦ୍ୟମ ଚଳାଉଥିବା କେତେଜଣ ପାରିଷଦ କହୁଛନ୍ତି। ତେବେ ଦେଖିବାକୁ ଗଲେ ପ୍ରଭାତ ବିଜେଡିରେ ଥାଇ ଯେଉଁ ପଟିଆରା ଦେଖାଉଥିଲେ ଏପରିକି ସେ ଅନ୍ୟ ଯେଉଁ ଦଳକୁ ଯିବେ ତାଙ୍କ ଲୋକପ୍ରିୟତା ରହିବ ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ଏ ନେଇ ପ୍ରଭାତ ବିଶ୍ୱାଳଙ୍କୁ ପଚାରିବାରୁ କଟକରେ ଜଣେ ଦୁଇ ଜଣଙ୍କୁ ଛାଡ଼ି ଦେଲେ କେହି ଅନ୍ୟତ୍ର କୁଶପୁତ୍ତଳିକା ଦାହ କରିନାହାନ୍ତି କହି ପ୍ରସଙ୍ଗ ଏଡାଇ ଚାଲି ଯାଇଥିଲେ।

## ବୈଶାଖୀ ବାଣିଜ୍ୟ ମେଳା ଉଦ୍‌ଘାଟିତ

କଟକ,୨୬।୩(କାର୍ତ୍ତିକ ସାହୁ)

କଟକ ବୈଶାଖୀ ବାଣିଜ୍ୟ ମେଳା କମିଟି ପକ୍ଷରୁ ୨୨ତମ କଟକ ବୈଶାଖୀ ବାଣିଜ୍ୟ ମେଳା ଉପର ବାଲିଯାତ୍ରା ପଡ଼ିଆରେ ଗୁରୁବାରଠାରୁ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂ ମେଳାକୁ ଉଦ୍‌ଘାଟନ କରି ବୈଶାଖୀ ବାଣିଜ୍ୟ ମେଳା ଆଗାମୀ ଦିନରେ ବାଲିଯାତ୍ରାର ରୂପ ନେବ ବୋଲି ଆଶାପୋଷଣ କରିଥିଲେ। ବାଣିଜ୍ୟ ମେଳା କମିଟି ଚେୟାରମ୍ୟାନ ମଧୁସୂଦନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ସମ୍ମାନିତ ଅତିଥି ବିଧାୟିକା ଇଂ. ସୋଫିଆ ଫିର୍ଦ୍ଦୋସ, ବାଣିଜ୍ୟ ମେଳା ପୃଷ୍ଠପୋଷକ ଶିକ୍ଷାବିତ ବିନୋଦ ଦାଶ, ଅନ୍ୟତମ ପୃଷ୍ଠପୋଷକ ତଥା ଇଷ୍ଟକୋଷ୍ଟ ରେଲୱେ ସଦସ୍ୟ ଡ. ରଞ୍ଜନ କୁମାର ବିଶ୍ୱାଳ, ଅଭିନେତା ଶ୍ରୀତମ ଦାସ, କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା ଆୟୋଜକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମେଳାର ମୁଖ୍ୟ ସଂଯୋଜକ ଦେବୀ ପ୍ରସାଦ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ।

## ସିନର୍ଜିର ବାର୍ଷିକ ଉତ୍ସବ

ଫୁଲନଖରା,୨୬।୩(ସତ୍ୟରଞ୍ଜନ ଦାସ ମହାପାତ୍ର)

ଫୁଲନଖରାସ୍ଥିତ ସିନର୍ଜି ବୈଷୟିକ ମହାବିଦ୍ୟାଳୟ ଓ ପଲିଟେକନିକର ବାର୍ଷିକ ଉତ୍ସବ 'ସେନସେସନ-୨୦୨୬ କଲେଜ ପରିସରରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଅଶ୍ୱିନୀ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବୈଜ୍ଞାନିକ ଡ. ବିଭୁରଞ୍ଜନ ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଅଧ୍ୟବସାୟକୁ ଆୟୁଧ କଲେ ସଫଳତା ସହଜରେ ମିଳିବ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଉଦୟନାଥ କଲେଜ ଅଧ୍ୟକ୍ଷା ଡ. ଲାଲମୀନା ଦାଶ, ଅନୁଷ୍ଠାନର ଚେୟାରମ୍ୟାନ ବିନୋଦ ଦାଶ, ଇଂ. ଧରଣୀଧର ସାହୁ, ଅଜୟ କୁମାର ସାହୁ, ପ୍ରଫେସର ଚିତ୍ରସେନ ଜଗତଦେଓ ଏବଂ ଡିନ୍ ଡ. ଯୋଗେଶରୀ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ମୃତିରଞ୍ଜନ ମହାନ୍ତି ଓ ଅଂଶୁମାନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।





କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ବୃନ୍ଦ।

# ବିଶ୍ୱନାଥ ପଣ୍ଡିତ ପାଠାଗାର ନିର୍ମାଣ କାର୍ଯ୍ୟର ସମୀକ୍ଷା

କଟକ,୨୬।୩(କୁମାରଶ୍ରୀ)

ପାଲାମଣ୍ଡପଠାରେ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର ନିର୍ମାଣ ଜାରି ରହିଛି। କଟକ ନେତାଜୀ ବସ୍ ଟର୍ମିନାଲ ନିର୍ମାଣ ପରିପ୍ରେକ୍ଷୀରେ ପାଠାଗାରର ପୁରୁଣା କୋଠା ଭାଙ୍ଗି ଦିଆଯାଇଥିଲା। ତେବେ ନୂତନ ଭାବେ ନିର୍ମାଣ କରାଯାଉଥିବା ପାଠାଗାର କୋଠା ବୁଲି ପରିଦର୍ଶନ କରି ସମୀକ୍ଷା କରିଛନ୍ତି ମେୟର ସୁବାସ ସିଂ ଏବଂ କମିଶନର କିରଣଦୀପ କୌର ସହୋତା। ୩୭ କୋଟି ଟଙ୍କା ବିନିମୟରେ ୭,୪୮୮.୫୭ ବର୍ଗମିଟର ସ୍ଥାନରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ରାଜ୍ୟ ପୋଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେଶନ ଦ୍ୱାରା ନିର୍ମାଣ କାର୍ଯ୍ୟ ଚାଲିଛି। ଏହା ରାଜ୍ୟର ସର୍ବବୃହତ ପାଠାଗାର ଭାବେ ପରିଚିତ ହେବ। ପାଠାଗାରରେ ସମସ୍ତ ପାଠକ ବିଭିନ୍ନ ପ୍ରକାର ପୁସ୍ତକ ପଢିବା ସହିତ ସମସ୍ତ କମ୍ପିଟିଭ ମୂଳକ ପରୀକ୍ଷା ପାଇଁ ଏକ ଗବେଷଣା କେନ୍ଦ୍ର ଭାବେ ଏହି ପାଠାଗାର ବ୍ୟବହାର କରିପାରିବେ ବୋଲି ମେୟର ସୁବାସ କହିଥିଲେ।



ବିଶ୍ୱନାଥ ପଣ୍ଡିତ ପାଠାଗାରର ନିର୍ମାଣ କାର୍ଯ୍ୟ ସମୀକ୍ଷା କରୁଛନ୍ତି ମେୟର, କମିଶନର ଏବଂ ଅନ୍ୟମାନେ।

**୩୭ କୋଟି ବ୍ୟୟରେ ଚାଲିଛି ନିର୍ମାଣ କାର୍ଯ୍ୟ**

ପ୍ରକାଶଯୋଗ୍ୟ, ପାଠାଗାରରେ ୫୦୦ଜଣ ପାଠକ ବସିବା ନିମନ୍ତେ ବ୍ୟବସ୍ଥା ଉପଲବ୍ଧ ହେବ। ଏକ ଅପେକ୍ଷା କକ୍ଷ, ଅତ୍ୟାଧୁନିକ ଲବି, ରିସେପଶନ କାଉଣ୍ଟର, ଅତ୍ୟାଧୁନିକ ଲିଫ୍ଟ, ୮୩ ଆସନ ବିଶିଷ୍ଟ ଏକ ଅତ୍ୟାଧୁନିକ ଅଡିଟୋରିଅମ୍, ଅତ୍ୟାଧୁନିକ ଶୌଚାଳୟ, କ୍ୟାଣ୍ଟିନ ବ୍ୟବସ୍ଥା ସହିତ ସମ୍ପୂର୍ଣ୍ଣ ପାଠାଗାରରେ ଏସି ଏବଂ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିବ। ମେ' ପୂର୍ବରୁ ସମସ୍ତ ନିର୍ମାଣ କାର୍ଯ୍ୟ ସମାପ୍ତ ହେବା ସହିତ ଏହାର ଉଦ୍‌ଘାଟନ ହେବ ବୋଲି ଜଣାପଡ଼ିଛି। ମେୟର ଏବଂ କମିଶନରଙ୍କ ପରିଦର୍ଶନ ସମୟରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ, ସିଏମ୍‌ସିର ବିରୋଧୀ ଦଳ ନେତା ସନ୍ତୋଷ କୁମାର ଭୋଳ, କର୍ପୋରେଟର ଗୋପାଳ ବେହେରା, ସ୍ଥାନୀୟ କର୍ପୋରେଟର ମଧୁସ୍ମିତା ବାରିକଙ୍କ ସମେତ ପୋଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେଶନ ଲିମିଟେଡର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

